୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.245 Bhubaneswar Sunday November 10 2024 | ୨୬ତମ ବର୍ଷ ସଂଖ୍ୟା-୨୪୫ ଭୁବନେଶ୍ୱର, ରବିବାର, ନଭେମ୍ବର ୧୦, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ମୋହନ ସରକାରକୁ ପୂରିଲା ୫ ମାସ : ପୂରଣ ହେଉନି ନିଗମ ଓ ବୋର୍ଡ ମୁଖିଆ ପଦ, ବିଜେପି ନେତା ନିରାଶ

ଭୁବନେଶ୍ୱର,୯।୧୧(ପି.ଏନ): ବିଜେଡି ସରକାରକୁ କ୍ଷମତାଚ୍ୟୁତ କରି ବିଜେପି ନିଜ ଦମରେ ରାଜ୍ୟରେ ପ୍ରଥମଥର ପାଇଁ ଏକାକୀ ସରକାର ଗ?ିଛି। ମୋହନ ଚ଼ରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ସରକାର କ୍ଷମତାକୁ ଆସିବାର ୫ମାସ ପୁରିଲାଣି କିନ୍ତୁ ପ୍ରାୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଖାଲି ପଡିଛି । ଦଳ ଓ ସଂଗଠନ ପାଇଁ ଦୀର୍ଘବର୍ଷ ଧରି କଠିନ ପରିଶ୍ରମ କରିଥିବା ଆଗଧାଡିର ନେତାମାନେ ନିଜ ଦଳର ସରକାରରେ ପଦପଦବୀ ପାଇବେ ବୋଲି ରଖିଥିବା ଆଶା ଏବେ ହତାଶରେ ପରିଣତ ହେବାରେ ଲାଗିଲାଣି । ପଦ୍ମ ଘୁଂଚି ଘୁଂଚି ଯିବାଭଳି ଦୀର୍ଘ ୪ମାସରୁ ଅଧିକ ସମୟ ଧରି ଖାଲି ପଡିଥିବା ବିଭିନ୍ନ ବୋର୍ଡ ଓ ନିଗମ ଅଧକ୍ଷ ପଦବୀ ସମେତ ଜିଲ୍ଲା ଯୋଜନା ବୋର୍ଡ, ପଶ୍ଚିମଓଡିଶା ବିକାଶ ପରିଷଦ, ରାଜ୍ୟ



ମହିଳା ଆୟୋଗ, ଲୋକାୟୁକ୍ତ ସଦସ୍ୟ ଓ ଅଧକ୍ଷ, ରାଜ୍ୟ ନିର୍ବାଚ଼ନ କମିଶନ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡିକ ପୂରଣ କରିବାରେ ମୋହନ ସରକାର ସକ୍ଷମ ହୋଇପାରିନାହାନ୍ତି । ଦଳ ଭିତରେ ଏହାକୁ ନେଇ କର୍ମୀ ଓ ନେତାମାନଙ୍କ ମଧ୍ୟରେ ଚ଼ାପା ଅସନ୍ତୋଷ ବ?ିବାରେ ଲାଗିଥିଲେ ମଧ୍ୟ ଜାନୁୟାରୀରେ ଦଳର ସାଂଗଠନିକ ନିର୍ବାଚ଼ନ ସରିବା ପୂର୍ବରୁ ଏସବୁ ରାଜନୀତିକ ନିଯୁକ୍ତି ମିଳିନପାରେ ବୋଲି ଚ଼ର୍ଚ୍ଚା ହେଉଛି ।ରାଜ୍ୟରେ ପ୍ରଥମଥର ବିଜେପି ନିଜସ୍ୱ ଦମରେ କ୍ଷମତାକୁ ଆସିବା ପରେ ବିଭିନ୍ନ ସରକାରୀ ପଦପଦବୀରେ ରାଜନୀତିକ ନିଯୁକ୍ତି ପାଇଁ ଦଳର ଆଗଧାଡିର ନେତାମାନେ ବେଶ୍ ଉତ୍ସୁକ ହୋଇପଡିଥିଲେ । କିନ୍ତୁ ବିଜେପି ସରକାର ଗଠନକୁ ୫ମାସ ପୁରିଗଲାଣି, ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନି । କେବଳ କ୍ଷମତାକୁ ଆସିବା ପରେ ପୂର୍ବ ସରକାରରେ ଏସବୁ ପଦବୀରେ ରାଜନୀତିକ ନିଯୁକ୍ତି ପାଇଥିବା ବିଜେଡି ସମର୍ଥିତ ନେତାମାନଙ୍କୁ ହଟାଇ ଦିଆଯାଇଛି ।

## ୭ ବର୍ଷ ପରେ ଯୋଗାଣ ବିଭାଗରୁ ଭିଭି ଯାଦବ ବିଦା, ଏସଏନ ଗିରିଶ ପଂଚ଼ାୟତିରାଜ ସଚ଼ିବ

ଭୁବନେଶ୍ୱର,୯।୧୧(ପି.ଏନ): ରାଜ୍ୟ ସରକାର ଆଜି ବରିଷ୍ଠ ଆଇଏଏସ୍ ଅଫିସରସ୍ତରରେ ଏକ ଛୋଟଧରଣର ଅଦଳବଦଳ କରିଛନ୍ତି । ଦୀର୍ଘ ୭ବର୍ଷ ପରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚ଼ିବ ପଦବୀରୁ ଆଇଏଏସ୍ ଭିଭି ଯାଦବଙ୍କୁ ହଟାଇଛନ୍ତି ରାଜ୍ୟ ସରକାର । ଆଉ ମାତ୍ର ୧୦ଦିନ ପରେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେଉଥିବାବେଳେ ବିଭାଗୀୟ ସଚ଼ିବଙ୍କୁ ଅଚ଼ାନକ ହଟାଇ ଦିଆଯିବାକୁ ନେଇ ଚ଼ର୍ଚ୍ଚା ଜୋର ଧରିଛି । ସେପଟେ ବିଜେଡିର ଅଘୋଷିତ ସର୍ବ ?ସର୍ବା ଭିକେ ପାଣ୍ଡିଆନଙ୍କ ଟିମ୍ ସଦସ୍ୟ ଥିବା ଆଇଏଏସ୍ ବିଶାଳ କୁମାର ଦେବ ଓ ସଞ୍ଜୟ କୁମାର ସିଂଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାର ପୁରସ୍କୃତ କରିଛନ୍ତି । ଉଭୟ ଅଫିସରଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ବରିଷ୍ଠ ଆଇଏଏସ୍ ଏସଏନ୍ ଗିରିଶଙ୍କୁ ପଂଚ଼ାୟତିରାଜ ବିଭାଗର ସଚ଼ିବ ଭାବେ ଅବସ୍ଥାପିତ କରାଯାଇଛି ।ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ,୧୯୯୬ ବ୍ୟାଚ୍ ଆଇଏଏସ୍ ଭିଭି ଯାଦବଙ୍କୁ





ଖାଦ୍ୟଯୋଗାଣ ବିଭାଗର ପ୍ରମୁଖ ସଚ଼ିବ ପଦବୀରୁ ହଟାଇ ଦିଆଯାଇଛି । ସେ ଏବେ କେବଳ ରାଜ୍ୟ ପୂର୍ତ୍ତ ବିଭାଗର ସଚ଼ିବ ଭାବେ କାର୍ଯ୍ୟ କରିବେ । ଶ୍ରୀ ଯାଦବଙ୍କ ସ୍ଥାନରେ ୧୯୯୭ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ସିଂଙ୍କୁ ଅତିରିକ୍ତ ଭାବେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଦାୟିତ୍ୱ ନ୍ୟସ୍ତ ହୋଇଛି । ଶ୍ରୀ ସିଂ ପୂର୍ବଭଳି ଗ୍ରାମ୍ୟ ଉନ୍ନୟନ ବିଭାଗ ସମେତ ସୂଚ଼ନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚ଼ିବ ଦାୟିତ୍ୱ ତୁଲାଇବେ । ୧୯୯୬ ବ୍ୟାଚ୍ ଆଇଏଏସ୍ ବିଶାଳ କୁମାର ଦେବଙ୍କୁ ଶକ୍ତି ବିଭାଗର ପ୍ରମୁଖ ସଚ଼ିବ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ଶ୍ରୀ ଦେବ ଇଲୋକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ବିଭାଗର ପ୍ରମୁଖ ସଚ଼ିବ ସହ ଓକାକ୍ ଅଧକ୍ଷ ଦାୟିତ୍ୱ ମଧ୍ୟ ପୂର୍ବଭଳି ତୁଲାଇବେ । ତାଙ୍କୁ ଓଡିଶା ଜଙ୍ଗଲ ଉନ୍ନୟନ ନିଗମର ଅଧକ୍ଷ ପଦରୁ ହଟାଇ ଦିଆଯାଇଛି । ସେହିପରି ଶିଳ୍ପ ବିଭାଗର ପ୍ରମୁଖ ସଚ଼ିବ ହେମନ୍ତ ଶର୍ମାଙ୍କଠୁ ଶକ୍ତି ବିଭାଗର ପ୍ରମୁଖ ସଚ଼ିବ ପଦ କା? ନିଆଯାଇଛି ।

## ପୂର୍ବତନ ବିଧାୟକଙ୍କ ପତ୍ନୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ: ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ଭଉଣୀ

ଭୁବନେଶ୍ୱର,୯।୧୧(ପି.ଏନ): ଆସିଛି ଏକ ବଡ ଖବର । ବ୍ରହ୍ମଗିରିର ପୂର୍ବତନ ବିଧାୟକ ଅଜୟ ଜେନାଙ୍କ ପତ୍ନୀଙ୍କ ମୃତଦେହ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଶ୍ମଶାନରୁ ଜବତ କରାଯାଇଛି । ଶ୍ରୀ ଜେନାଙ୍କ ପତ୍ନୀଙ୍କର କୌଣସି କାରଣରୁ ମୃତ୍ୟୁ ଘଟିବା ପରେ ତାଙ୍କର ବୋହୂ ମୃତଦେହକୁ ରାଜଧାନୀ ଭୁବନେଶ୍ୱରର ସତ୍ୟନଗର ସ୍ଥିତ ଶ୍ମଶାନରେ ଶବଦାହ କରାଉଥିଲେ । ଖବର ପାଇଁ ମୃତ ମହିଳାଙ୍କ ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ । ପୋଲିସ ମୃତଦେହକୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଜବତ କରିଥିଲା । ପୂର୍ବରୁ ମୃତ ମହିଳାଙ୍କର ପୁଅଙ୍କର ମୃତ୍ୟୁ ଘଟିଥିବା ବେଳେ ସେ ତାଙ୍କ ବୋହୂଙ୍କ ପାଖରେ ରହୁଥିଲେ । ଅନ୍ୟପକ୍ଷରେ ମହିଳାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ଆଣିଛନ୍ତି ମୃତ ମହିଳାଙ୍କ ଭଉଣୀ ।

## ପଦ୍ମ ବିଜେତାଙ୍କୁ ମାସିକ ମିଳିବ ୩୦ ହଜାର ଟଙ୍କା

ଭୁବନେଶ୍ୱର,୯।୧୧(ପି.ଏନ): ଆଜି ରାଜ୍ୟ ସରକାର ବଡ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ସମସ୍ତ ପଦ୍ମ ବିଜେତାଙ୍କୁ ମିଳିବ ସମ୍ମାନ ସୂଚ଼କ ସହାୟକ ରାଶି । ସେମାନଙ୍କୁ ମାସିକ ୩୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ଆଜି ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଏନେଇ ଘୋଷଣା କରିଛନ୍ତି ।

## ରାମ ମନ୍ଦିର ନିର୍ମାଣ ପାଇଁ ମିଳୁନାହାନ୍ତି ଶ୍ରମିକ, ଦୁର୍ବଳ ହେଲାଣି ପଥର

ଭୁବନେଶ୍ୱର,୯।୧୧(ପି.ଏନ): ଅଯୋଧାରେ ରାମ ମନ୍ଦିର ନିର୍ମାଣ ବର୍ତ୍ତମାନ ପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇନାହିଁ । ଜୁନ ୨୦୨୫ ସୁଦ୍ଧା ମନ୍ଦିର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବ ବୋଲି ଧାର୍ଯ୍ୟ ହୋଇଥିଲା । ହେଲେ ଏହା ବର୍ତ୍ତମାନ ଆହୁରି ତିନି ମାସ ବିଳମ୍ୱ ହୋଇପାରେ । ଅର୍ଥାତ ସେପ୍ଟେମ୍ୱର ୨୦୨୫ ସୁଦ୍ଧା ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବ ବୋଲି ସୂଚ଼ନା ଦେଇ କହିଛନ୍ତି ରାମ ମନ୍ଦିର ନିର୍ମାଣ କମିଟିର ଅଧକ୍ଷ ନୃପେନ୍ଦ୍ର ମିଶ୍ର ।ପ୍ରାୟ ୨୦୦ ଶ୍ରମିକଙ୍କ ଅଭାବ କାରଣରୁ ନିର୍ମାଣରେ ବିଳମ୍ୱ ହେଉଥିବା ସେ କହିଛନ୍ତି । ଆହୁରି ମଧ୍ୟ ମନ୍ଦିରର ପ୍ରଥମ ମହଲାରେ କିଛି ପଥର ଦୁର୍ବଳ ହୋଇଯାଇଥିବାରୁ ଏଗୁଡ଼ିକୁ ବଦଳାଇବାର ଆବଶ୍ୟକତା ନିର୍ମାଣ କାର୍ଯ୍ୟ ବିଳମ୍ୱ ହେବାର ଅନ୍ୟତମ ପ୍ରମୁଖ କାରଣ । ରାମ ମନ୍ଦିର ନିର୍ମାଣ କମିଟିର ଅଧକ୍ଷ କହିଛନ୍ତି, 'ମନ୍ଦିରର



ସୀମା କାନ୍ଥରେ ବ୍ୟବହାର ପାଇଁ ଲାଲ ବଂଶୀ ପାହଡ଼ପୁର ୮.୫ ଲକ୍ଷ ଘନଫୁଟ ପଥର ଅଯୋଧାରେ ପହଞ୍ଚି ସାରିଛି । ହେଲେ ଶ୍ରମିକ ଅଭାବରୁ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି ।'ସେ ଆହୁରି ମଧ୍ୟ କହିଛନ୍ତି ଯେ, ମନ୍ଦିର ନିର୍ମାଣରେ ବ୍ୟବହୃତ ହୋଇଥିବା ପଥରଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି । ପ୍ରଥମ ମହଲାରେ ଲାଗିଥିବା କିଛି ପଥର ଦୁର୍ବଳ ଏବଂ ପତଳା ହେଉଥିବା ଦେଖିବାକୁ ମିଳିଛି । ସେଗୁଡ଼ିକ ସ୍ଥାନରେ ଅଧିକ ଶକ୍ତିଶାଳି ମାକ୍ରାନା ପଥର ବ୍ୟବହାର କରାଯିବ । ନିକଟରେ ମନ୍ଦିର ନିର୍ମାଣ କମିଟିର ଦୁଇ ଦିନିଆ ବୈଠକରେ ମନ୍ଦିର ସହିତ ଜଡିତ ଅନ୍ୟାନ୍ୟ ସଂରଚ଼ନାର ସ୍ଥିତି ସମୀକ୍ଷା କରାଯାଇଥିଲା । ଅଡିଟୋରିୟମ, ସୀମା ଏବଂ ପରିକ୍ରମା ପଥ ଭଳି ନିର୍ମାଣ ପ୍ରକ୍ରିୟା ଚ଼ାଲିଛି ।

## କପଡା ଗୋଦାମରେ ଭୟାବହ ଅଗ୍ନିକାଣ୍ଡ, ଜଳିଗଲା ୨୫ ଲକ୍ଷ ଟଙ୍କାର ଜିନିଷ

ଭୁବନେଶ୍ୱର,୯।୧୧(ପି.ଏନ): ଭୁବନେଶ୍ୱର ବଡଗଡ ସ୍ଥିତ ଏକ କପଡା ଗୋଦାମରେ ନିଆଁ ଲାଗିଛି । । ପ୍ରାୟ ୨୫ ଲକ୍ଷ ଟଙ୍କାର କପଡା ପାଉଁଶ ହୋଇଯାଇଛି । ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚ଼ି ନିଆଁକୁ ଆୟତ କରିଥିଲେ ।ସୂଚ଼ନାରୁ ପ୍ରକାଶ ମାର୍କେଟ ବିଲ୍ଡିଂର ଜଣେ କପଡା ବ୍ୟବସାୟୀ ନବୀନ ଚ଼ନ୍ଦ୍ର ସାହୁ । ସେ ବଡଗଡ ବ୍ରିଟ୍ କଲୋନୀରେ ଥିବା ତାଙ୍କ ଗୋଦାମ ଘରେ ଆଜି ନିଆଁ ଲାଗିଯାଇଥିଲା । ତେବେ ସର୍ଟସର୍କିଟ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । ଗୋଦାମରେ ଅଗ୍ନିକାଣ୍ଡ ଘଟିବା ପରେ ଚ଼ାରିଆଡ ଧୂଆଁମୟ ହୋଇଯାଇଥିଲା । ତେବେ ପ୍ରବଳ ଧୂଆଁ ହୋଇଥିବାରୁ ନିଆଁକୁ ଆୟତ୍ତ କରିବା ଅଗ୍ନିଶମ ବାହିନୀଙ୍କ ପାଇଁ କଷ୍ଟକର ହୋଇପଡିଥିଲା । ଏହା ପୂର୍ବରୁ ୟୁନିଟ୍ ?-୧ ସ୍ଥିତ ଭୂତଳ ମାର୍କେଟରେ ନିଆଁ ଲାଗିଥିଲା ।

## ରବିବାର ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି ଙ୍କର ଅନୁଗୁଳ ଗସ୍ତ

ଅନୁଗୁଳ, ୯।୧୧ (ପି.ଏନ): ବିଜେପି ରାଜ୍ୟ ସଭାପତି ମନମୋହନ





ସାମଲ, ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି ଙ୍କ ସମେତ ରାଜ୍ୟ ର ସମସ୍ତ ସାଧାରଣ ସମ୍ପାଦକ ମାନେ ରବିବାର ଦିନ ଅନୁଗୁଳ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।ରାଜ୍ୟ ସଭାପତି, ସଂଗଠନ ମନ୍ତ୍ରୀ ଙ୍କୁ ସ୍ୱାଗତ କରିବା ପାଇଁ ବିଜେପି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି ବୋଲି ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ ପ୍ରକାଶ କରିଛନ୍ତି ।

## ଗାଁ ଦାଣ୍ଡରେ ମହିଳାଙ୍କୁ ଟଣାଓଟରା ଓ ମାରପିଟ୍; ବିବାଦ ଭିତରକୁ ପ୍ରମିଳାଙ୍କୁ ଟାଣିଲା ବିଜେପି



ଭୁବନେଶ୍ୱର,୯।୧୧(ପି.ଏନ): ଗାଁ ଦାଣ୍ଡରେ ଗାଁର ବୋହୂକୁ ଟଣାଓଟରା ଓ ମାରପିଟ୍ ?। ସୂଚ଼ନା ଅଧିକାର ଆଇନ୍ ?(ଜଞ୍ଚଓ) ବଳରେ ତଥ୍ୟ ମାଗିବାରୁ ଗାଁରେ କଙ୍ଗାରୁକୋର୍ଟ ବସାଇ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଭିଡିଓ ଭାଇରାଲ୍ ? ପରେ ଜୋର୍ ? ଧରିଲା ରାଜନୀତି । ବିଞ୍ଝାରପୁର ବିଧାୟକ ପ୍ରମିଳା ମଲ୍ଲିକଙ୍କ ଇସାରାରେ ଏପରି କାର୍ଯ୍ୟ କରାଯାଇଥିବା ବିଜେପି ଅଭିଯୋଗ କରିଛି । ଏହାର ଜବାବ ରଖିଛି ବିଜେଡି ।ଭାଇରାଲ୍ ? ହେଉଥିବା ଭିଡିଓରେ ଥିବା ମହିଳା ଜଣକ ହେଉଛନ୍ତି ଦଶରଥପୁର ଥାନା ରାହାସୋଇ ଗାଁର ଲଳିତା ପତି । ଗାଁ ଦାଣ୍ଡରେ ତାଙ୍କୁ କିଛି ବ୍ୟକ୍ତି ସଂଘ ବଦ୍ଧ ଭାବେ ଆକ୍ରମଣ କରୁଛନ୍ତି । ତାଙ୍କୁ ଟଣାଓଟରା ଓ ଠେଲାପେଲା କରୁଛନ୍ତି । ଯେଉଁଥିପାଇଁ ଲଳିତା ତଳେ ପଡି ଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି । ଏଥିସହ ତାଙ୍କୁ ଅଭଦ୍ର ଭାଷାରେ ଗାଳି ଦେଉଥିବା ଅଭିଯୋଗ ହେଉଛି । ଭିଡିଓ ଭାଇରାଲ୍ ? ହେବା ପରେ ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି ।

## ରୋଗୀ ସେବା ପାଇଁ ଶପଥ ନେଲେ : କିମ୍ସ ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ ଉତ୍ସବ

ଭୁବନେଶ୍ୱର, ୯।୧୧(ପି.ଏନ): ଡାକ୍ତରୀ ଶିକ୍ଷାଲାଭ ପରେ ରୋଗୀଙ୍କୁ ଉତମ ସେବା ଯୋଗାଇ ଦେବା ପାଇଁ ଶପଥ ନେଇଛନ୍ତି କିମ୍ସର ନବାଗତ ଛାତ୍ରଛାତ୍ରୀମାନେ । ଗୁରୁବାର କିମ୍ସରେ ନାମ ଲେଖାଇଥିବା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ସ୍ୱାଗତ କାର୍ଯ୍ୟକ୍ରମରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଛାତ୍ରଛାତ୍ରୀମାନେ ସେବା ମନୋବୃତି ରଖି ଡାକ୍ତରୀ ଶିକ୍ଷା ଲାଭ କରିବା ଉଚିତ ବୋଲି କହିଥିଲେ । ସମାଜ ଡାକ୍ତରମାନଙ୍କୁ ଦ୍ୱିତୀୟ ଭଗବାନ ଭାବେ ଦେଖିଥାଏ, ତେଣୁ ଛାତ୍ରଛାତ୍ରୀମାନେ ଡାକ୍ତର ହେବା ପରେ ଉତମ ରୋଗୀସେବା ପ୍ରତି ଧ୍ୟାନ ଦେବା ଉଚିତ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା ସିବିକେ ମହାନ୍ତି, କିମ୍ସ ମେଡିକାଲ୍ କଲେଜ ଅଧକ୍ଷ୍ ଡା. ଆର ସି ଦାସ, ଉପାଧକ୍ଷ ଡା. ଲଳାଟେନ୍ଦୁ ମହାନ୍ତି, କିମ୍ସ ମେଡିକାଲ୍ ଅଧିକ୍ଷକ ଡା. ମାନସ ରଞ୍ଜନ ବେହେରା ଓ କିଟ୍ ଡେଂଟାଲ କଲେଜ ଅଧକ୍ଷ ଡା. ଅଶ୍ୱିନୀ କର ପ୍ରମୁଖ ଉପସ୍ଥିତ ରହି ନବାଗତ





ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ । ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ଡା. ସିବିକେ ମହାନ୍ତି କହିଲେ, ଏମ୍‌ବିବିଏସ୍ ଏକ ଚ୍ୟାଲେଞ୍ଜିଂ କରିକୁଲମ । ତେଣୁ ଡାକ୍ତର ହେବା ପରେ ମଧ୍ୟ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ଚିକିତ୍ସା ବିଜ୍ଞାନ ସହ ଜଡ଼ିତ ରହିବାକୁ ସବୁବେଳେ ଅଧ୍ୟୟନ କରିବାକୁ ପଡ଼ିଥାଏ ବୋଲି କହିଥିଲେ । ଏହି ୫ବର୍ଷ ମଧ୍ୟରେ ତୁମେମାନେ ଯେଉଁ ପରିଶ୍ରମ କରିବ ତାହା ପରବର୍ତ୍ତୀ ୫୦ବର୍ଷ ପର୍ଯ୍ୟନ୍ତ ତୁମକୁ ସହାୟକ ବୋଲି ସେ କହିଥିଲେ । ସେହିପରି ହ୍ୱାଇଟକୋଟ ସ୍ୱାଗତ କାର୍ଯ୍ୟକ୍ରମ ପରେ କାଡାଭରିକ ଶପଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କିମସ ହ୍ୟୁମାନ ଆନାଟୋମୀ ବିଭାଗରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ବିଭାଗୀୟ ମୁଖ୍ୟ ଡା ପ୍ରଜ୍ଞା ପାରମିତା ସାମନ୍ତ ଡାକ୍ତରୀ ଶିକ୍ଷାର ଅୟମାରମ୍ଭ କାଡାଭାରିକ ଡିସେକ୍‌ସନ ଉପରେ ଗୁରୁତ୍ୱ ଦେଇ ବକ୍ତବ୍ୟ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ବଡ ନିଷ୍ପତ୍ତି: ହୋମ ଗାର୍ଡ ନିଯୁକ୍ତି ଉପରେ ଥିବା ରହିତାଦେଶ ପ୍ରତ୍ୟାହୃତ କଲେ ରାଜ୍ୟ ସରକାର

ଭୁବନେଶ୍ୱର,୯।୧୧(ପି.ଏନ): ରାଜ୍ୟର ହୋମ ଗାର୍ଡମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଏକ ବଡ ନିଷ୍ପତ୍ତି ନେଇଛନ୍ତି । ହୋମ ଗାର୍ଡ ନିଯୁକ୍ତି ଉପରେ ଥିବା ରହିତାଦେଶ ପ୍ରତ୍ୟାହୃତ ହୋଇଛି । ଖୁବଶୀଘ୍ର ଖାଲି ଥିବା ପଦବୀ ପୂରଣ ହେବ । ରାଜ୍ୟରେ ହୋମ ଗାର୍ଡଙ୍କ ନିଯୁକ୍ତି ଉପରେ ଥିବା ରହିତାଦେଶକୁ ରାଜ୍ୟ ସରକାର ପ୍ରତ୍ୟାହୃତ କରିବା ପରେ ଏବେ ଅନେକ ହୋମ ଗାର୍ଡ ବିଶେଷ ଭାବେ ଉପକୃତ ହୋଇ ପାରିବେ ।ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ନିର୍ଦ୍ଦେଶରେ ଏହି



ରହିତାଦେଶ ପ୍ରତ୍ୟାହୃତ ହୋଇଛି । ଏହାଦ୍ୱାରା ରାଜ୍ୟରେ ଖାଲିଥିବା ହୋମ ଗାର୍ଡ ପଦବୀ ଖୁବ୍ ଶୀଘ୍ର ପୂରଣ ହୋଇ ପାରିବ । ସୂଚ଼ନା ଯୋଗ୍ୟ ଯେ, ରାଜ୍ୟରେ ସମୁଦାୟ ହୋମ ଗାର୍ଡ ପଦବୀ ସଂଖ୍ୟା ୧୭,୬୭୫ ଥିବା ବେଳେ ୧୫,୩୦୬ ଜଣ ହୋମ ଗାର୍ଡ କାର୍ଯ୍ୟରତ ଅଛନ୍ତି । ୨୩୬୯ ପଦବୀ ଖାଲି ଅଛି । ଏହି ନିଷ୍ପତ୍ତି ଦ୍ୱାରା ଖାଲି ଥିବା ପଦବୀଗୁଡିକ ଆବଶ୍ୟକତା ଅନୁଯାୟୀ ପୂରଣ କରାଯାଇ ପାରିବ ।

## ଅଁଳା ନବମୀ ପୂର୍ବରୁ ପୁରୀରେ ମାରପିଟ୍: ବଙ୍ଗୀୟ ପର୍ଯ୍ୟଟକଙ୍କ ଆକ୍ରମଣରେ ଜେଟିପିଙ୍କ ମୁଣ୍ଡ ଫାଟିଲା

ଭୁବନେଶ୍ୱର,୯।୧୧(ପି.ଏନ): ପୁରୀରେ ଘଟିଯାଇଛି ଏକ ବଡ ଅଘଟଣ । ଜଣେ ବଙ୍ଗୀୟ ପର୍ଯ୍ୟଟକଙ୍କ ଆକ୍ରମଣରେ ଜଣେ ଜଗନ୍ନାଥ ଟେମ୍ପଲ ପୋଲିସ (ଜେଟିପି)ଙ୍କ ମୁଣ୍ଡ ଫାଟିଯାଇଛି । ଏନେଇ ସିଂହଦ୍ୱାର ଥାନାରେ ଉଭୟ ଜେଟିପି ଓ ବଙ୍ଗୀୟ ପର୍ଯ୍ୟଟକ ଏତଲା ଦେଇଛନ୍ତି । ଘଣ୍ଟିଦ୍ୱାର ନିକଟରେ ପ୍ରବେଶକୁ ନେଇ ଜେଟିପି ଓ ବଙ୍ଗୀୟ ଭକ୍ତଙ୍କ ମଧ୍ୟରେ ବଚ଼ସା ଆରମ୍ଭ ହୋଇଥିଲା । ପର୍ଯ୍ୟଟକଙ୍କ ମାଡରେ ଜେଟିପି ଗୁପ୍ତ ?ଶ୍ୱର ରାଉତରାୟଙ୍କ ମୁଣ୍ଡ ଫାଟି ଯାଇଥିବା ବେଳେ ସେ ଆହତ ହୋଇଥିବା ଜଣାପଡିଛି । ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି ।ସୂଚ଼ନାଯୋଗ୍ୟ ଯେ, ଆସନ୍ତାକାଲି



ରାତି ପାହିଲେ ପବିତ୍ର ଅଁଳା ନବମୀ ଅବସରରେ ପୁରୀ ଜିଲ୍ଲା ସାକ୍ଷୀଗୋପାଳର ସାକ୍ଷୀଗୋପୀନାଥ ମନ୍ଦିରରେ ମାଆ ରାଧାରାଣୀଙ୍କ ଦୁର୍ଲ୍ଲଭ ପାଦ ଦର୍ଶନର ସୌଭାଗ୍ୟ ଲାଭ କରିବେ ଲକ୍ଷାଧିକ ଶ୍ରଦ୍ଧାଳୁ । ଏଥିପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ବର୍ଷକୁ ଥରେ ଭକ୍ତମାନେ ମା' ରାଧାରାଣୀଙ୍କ ଏହି ପାଦ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଥାନ୍ତି । ଅଁଳା ନବମୀ ଓ ରାଧା ପାଦ ଦର୍ଶନ ଗୋଟିଏ ଦିନରେ ପଡୁଥିବାରୁ ଏନେଇ ସମସ୍ତ ବ୍ୟବସ୍ଥା କରାଯାଇଥିବା ଏସପି ଶ୍ରୀ ବିନୀତ ଅଗ୍ରୱାଲ ସୂଚ଼ନା ଦେଇଛନ୍ତି ।

## ଚ଼ଳିତ ଶିକ୍ଷାବର୍ଷରୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଆରମ୍ଭ ହେବ ଜାତୀୟ ଶିକ୍ଷା ନୀତି


ଭୁବନେଶ୍ୱର,୯।୧୧(ପି.ଏନ): ଉଚ୍ଚଶିକ୍ଷା କ୍ଷେତ୍ରରେ ୨୦୨୪-୨୫ ଶିକ୍ଷା ବର୍ଷରେ ଜାତୀୟ ଶିକ୍ଷା ନୀତି-୨୦୨୦ କାର୍ଯ୍ୟକାରୀ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଓଡ଼ିଶା ସରକାର ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଓ ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡିକରେ ଏହି ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ ପାଇଁ ଅନୁମୋଦନ ଦେଇଛନ୍ତି । ଏହି ପଦକ୍ଷେପ ରାଜ୍ୟର ଶିକ୍ଷା ପ୍ରଣାଳୀରେ ଅନେକ ପରିବର୍ତ୍ତନ ଆଣିବାକୁ ଉଦ୍ଦିଷ୍ଟ ହେବ ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜ୍ୱତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୁପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଟ୍ୟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢ଼ୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ଦୋଳ ପରେ ପଞ୍ଚଦୋଳ

ଦୋଳ ଜଟଣୀ ନିକଟ ହରିରାଜପୁର ଗ୍ରାମରେ ପାଳିତ ହେଉଥିବା ଶ୍ରୀ ପର୍ଣ୍ଣିମାଶମ୍ଭୁ ସୋମନାଥଦେବଙ୍କ ପଞ୍ଚଦୋଳ ମେଲଣ ଏକ ନିଆରା ଉତ୍ସବ। ଦୋଳ ପୂର୍ଣ୍ଣିମା ଗତେ ୫ମ ଦିବସର ମଧ୍ୟରାତ୍ରିରେ ଏହା ମହାସମାରୋହରେ ପାଳିତ ହୋଇଥାଏ। କିମ୍ବଦନ୍ତୀ କହେ, ଗଜପତି ମହାରାଜ ନରସିଂହ ଦେବଙ୍କ ରାଜତ୍ୱର ପ୍ରଥମ ୧୫ ବର୍ଷ ସୁଖଶାନ୍ତିରେ ଅତିବାହିତ ପ୍ରଭୁ ନୀଳକଣ୍ଠେଶ୍ୱର, କନ୍ତିଆର ବାଲୁଙ୍କେଶ୍ୱର, କୁଶମାଟିର ଗତିଶ୍ୱର ଓ ବୁଢ଼ାପଡ଼ାର ସୋମନାଥ ଦେବଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେବେଠାରୁ ହିଁ ପର୍ଣ୍ଣିମାଶମ୍ଭୁ ସୋମନାଥ ଦେବଙ୍କ ଏହି ନିଆରା ପଞ୍ଚଦୋଳ ମେଲଣ ଆରମ୍ଭ ହୋଇଥିଲା ବୋଲି ଐତିହାସିକ ସ୍ୱର୍ଗତ ଦିବ୍ୟସିଂହ ଚମୁପତିଙ୍କ ପୁସ୍ତକରେ ଲିଖିତ ରହିଥିବା ମେଲଣ ପରିଚାଳନା ପରିଷଦ ସଂଯୋଜକ ପ୍ରସନ୍ନ ମହାରଥୀ କହିଛନ୍ତି। ପ୍ରଥମ ଆତସବାଜି ପ୍ରଦର୍ଶନ ସହ ରଙ୍ଗବେରଙ୍ଗର କଳରଙ୍ଗ, ବାଦ୍ୟ, ରୋଶଣି, ଘଣ୍ଟ, ତୁରୀ, ଶଙ୍ଖନାଦ, ନାଗା ନାଚ, ପଟ୍ଟାଖେଳ, ସଖୀ ଓ ରାଜାରାଣୀ ନାଚରେ ଚତୁଃପାର୍ଶ୍ୱ ପ୍ରକମ୍ପିତ ହୋଇପଡ଼େ। ମେଲଣ ପଡ଼ିଆରେ ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ହୋଇ ଆସିଥିବା ୭୭ ହରିହର ବିଗ୍ରହଙ୍କୁ ଭକ୍ତମାନେ ଦର୍ଶନ କରି ଆଶୀର୍ବାଦ ଲୋଡିଥାଆନ୍ତି। ୪ଦିନର ରହଣି ମଧ୍ୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଭକ୍ତ ଛୁଟିଆସନ୍ତି।



ହୋଇଥିବାରୁ ୧୬୩୬ ଖ୍ରୀଷ୍ଟାବ୍ଦରେ ଚୈତ୍ର ଶୁକ୍ଳପକ୍ଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବସନ୍ତରାସ ଅନୁଷ୍ଠିତ ହୋଇଥିଲା। ଏହାଦେଖି ହରିରାଜପୁର ଗ୍ରାମର ଗୋବର୍ଦ୍ଧନ ଦାସ ଓ ନିତେଇ ସାହୁ ଗାଁକୁ ଫେରିବା ବାଟରେ ପର୍ଣ୍ଣିମାଶମ୍ଭୁ ସୋମନାଥ ଦେବଙ୍କ ଏକ ପଞ୍ଚଦୋଳ ମେଲଣ କରିବାକୁ ମନସ୍ଥ କରିଥିଲେ। ସେହି ଅନୁଯାୟୀ ସେମାନେ ମହାପ୍ରଭୁଙ୍କ ବସନ୍ତରାସର ଗୋଟିଏ ବର୍ଷ ପରେ ୧୬୩୭ ଖ୍ରୀଷ୍ଟାବ୍ଦ ଚୈତ୍ର କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ପର୍ଣ୍ଣିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିର ସନ୍ନିକଟ ପଡ଼ିଆରେ ଏହି ମେଲଣକୁ ଆୟୋଜନ କରିବାକୁ ଉଦ୍ୟମ ଆରମ୍ଭ କଲେ। ଗ୍ରାମବାସୀଙ୍କ ଠାରୁ ମୁଠି ଚାଉଳ ସଂଗ୍ରହ କରାଯାଇ ଏହାର ବିକ୍ରିଲବ୍ଧ ଅର୍ଥରେ ନିକଟବର୍ତ୍ତୀ ଭଁସର ଗ୍ରାମର ଦିନକୁ ଜମାଣ ରାତ୍ର କୁହାଯାଉଥିବାବେଳେ ବିଧିବଦ୍ଧ ଦିନରେ ଠାକୁର ମେଲଣ ଉତ୍ସବ ଅନୁଷ୍ଠିତ ହେବ। ଭଣ୍ଡାର ଘରୁ କୋଠଭୋଗ ଆସିବାପରେ ସ୍ଥାନାଧିପତି ପର୍ଣ୍ଣିମାଶମ୍ଭୁ ସୋମନାଥ ଦେବ ଜମାଣ ରାତ୍ରିରେ ମନ୍ଦିରରୁ ବାହାରିବେ। ବାଟ ଅଗଣାରେ ଠାକୁରଙ୍କ ନିକଟରେ କୋଠଭୋଗ ଲାଗି କରାଯିବ। ଏହାପରେ ଠାକୁର ଦୋଳ ବିମାନରେ ବିଜେ କରି ପର୍ଣ୍ଣିମଦ୍ୱାର ଦେଇ ଏକ ବିରାଟ ପଟୁଆର ମାଧ୍ୟମରେ ମେଲଣ ପଡ଼ିଆକୁ ବିଜେ କରିବେ। ପଟୁଆରରେ ବାହାରିବା ସମୟରେ ବାଟରେ ଶ୍ରୀଗୋପାଳ ଜୀ ଓ ଶ୍ରୀ ବାଳମୁକୁନ୍ଦ ଦେବ ପାଲିଙ୍କିରେ ସ୍ଥାନାଧିପତିଙ୍କ ସହିତ ସାମିଲ ହେବାର ପରମ୍ପରା ରହିଛି। ଅପରପକ୍ଷେ ଶୋଭାଯାତ୍ରା ବେଳେ ଏଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଦୈନିକ ହଜାର ହଜାର ଭକ୍ତ ଠାକୁର ମାନଙ୍କୁ ଫଗୁ ସିଞ୍ଚନ କରି ଭୋଗ ଲାଗି କରିଥାଆନ୍ତି। ମୁଖ୍ୟତଃ ଜମାଣ ରାତ୍ରରେ ହେଉଥିବା ଆତସବାଜି ପ୍ରଦର୍ଶନ ବେଶ୍ ଚିତ୍ତାକର୍ଷକ ହୋଇଥାଏ। ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରଖ୍ୟାତ ବାଣକାରମାନଙ୍କ ସହ ମାନସିକ ପୂରଣ ହୋଇଥିବା ଅନେକ ଭକ୍ତ ଏଠାରେ ରାତିତମାମ ଅନିଦ୍ରା ରହି ବାଣ ଫୁଟାନ୍ତି, ଯାହା ଅତ୍ୟନ୍ତ ବିରଳ। ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନର ପର୍ବ କୁହାଯାଉଥିବା ଏହି ପଞ୍ଚଦୋଳ ମେଲଣ ୨୦୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବୋଲି କେତେଜଣ ଐତିହାସିକ ମତ ରଖୁଥିବାବେଳେ ଏହାର କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ସମୟ ଥିବା ଜଣାପଡ଼ିନାହିଁ।

# ଶାନ୍ତି, ସହିଷ୍ଣୁତା ଏବଂ ସମନ୍ୱୟତାର ବାର୍ତ୍ତାବହ !

୨୩ ମାର୍ଚ୍ଚ ହେଉଛି ଇସଲାମ ଇତିହାସରେ ଏକ ମହାନ ଦିବସ। ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଦାସାନୁଦାସ ଜଣେ ମୁସଲିମ ସନ୍ଥ ହଜରତ ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ୧୮୮୯ ମାର୍ଚ୍ଚ ୨୩ ତାରିଖରେ ଭାରତ ବର୍ଷର ପଞ୍ଜାବ ପ୍ରଦେଶର ଲୁଧିଆନାଠାରେ ଅହମଦୀୟା ମୁସଲିମ ସମ୍ପ୍ରଦାୟ ନାମକ ଏକ ଆଧ୍ୟାତ୍ମିକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଏହି ସମ୍ପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଇସଲାମ ଧର୍ମର ଶାନ୍ତିପୂର୍ଣ୍ଣ ଶିକ୍ଷା ଓ ତା'ର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ଉପସ୍ଥାପନ କରିବା ଓ ଏହାର ମୂଳ ଲକ୍ଷ୍ୟ ହେଲା ମାନବ ସମାଜକୁ ଇସଲାମ ଏକ ଶାନ୍ତି ଓ ନିରାପତାର ଧର୍ମ ବୋଲି ବୁଝାଇବା। ସେହିପରି ଇସଲାମ ଆଳରେ ଜେହାଦ ନାମ ନେଇ ଯେଉଁମାନେ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି, ସେମାନଙ୍କ ବିକୃତ ମାନସିକତାର ଦୃଢ ପ୍ରତିବାଦ କରିବା ସହିତ ଏହା ଜଣାଇବା ଯେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ବିନା ଭେଦଭାବରେ ସମଗ୍ର ମାନବ ଜାତି ପାଇଁ କରୁଣାର ସାଗର ହୋଇ ଆସିଥିଲେ। ଅଜଣା ବସ୍ତି କାଦିଆନ (ପଞ୍ଜାବ)ରୁ ଉଠିଥିବା ଏହି ଆଧ୍ୟାତ୍ମିକ ଗୁଞ୍ଜନ ଆଜି ବିଶ୍ୱର ଚତୁଃପାର୍ଶ୍ୱରେ ପ୍ରସାରିତ ହୋଇଚାଲିଛି। ''ଏବେ ବି ଏହି ପୁଷ୍ପବାଟିକାରେ ଆରାମ ଓ ଶାନ୍ତି ପ୍ରାପ୍ତ ହେଉଛି''ର ଘୋଷଣା କରିବା ସହ ଅହମଦୀୟା ସମ୍ପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ଅଲ୍ଲାଃ ପରମବ୍ରହ୍ମ ମୋତେ ସମ୍ବୋଧନ କରି କହିଛନ୍ତି ଯେ, ମୁଁ ତୋତେ ଆଶ୍ଚର୍ଯ୍ୟଜନକ ଭାବେ ଉନ୍ନତି ପରେ ଉନ୍ନତି ଦେଇଚାଲିବି ଏପରି କି ରାଜା ମହାରାଜାମାନେ ମଧ ତୋ ଠାରୁ ଉନ୍ନତିର ଆଶାଇ ହେବେ। ମନେରଖ ଏହା ହେଉଛି ପରମେଶ୍ୱରଙ୍କ ବାଣୀ ଯାହାକି ନିଶ୍ଚିତ ଭାବରେ ଦିନେ ପୂରଣ ହେବ।

ସୁତରାଂ ହଜରତ ଅହମଦ ସେହି ପ୍ରତିଶ୍ରୁତ ମସିହ ହେବାର ଘୋଷଣା କରିବା ସମୟରେ ସେ ମାତ୍ର ଜଣେ ବ୍ୟକ୍ତି ଥିଲେ। ଆଜି ବିଶ୍ୱର ୨୧୫ଗୋଟି ରାଷ୍ଟ୍ରରେ ତାଙ୍କର କୋଟି କୋଟି ଅନୁଗାମୀ ଅହମଦିମାନେ ବସବାସ କରୁଛନ୍ତି। ଅହମଦୀୟା ସମ୍ପ୍ରଦାୟ ଏକ ପକ୍ଷରେ ମନୁଷ୍ୟକୁ ନିଜ ପାଳନକର୍ତ୍ତାଙ୍କ ସହିତ ସଂପର୍କ ଯୋଡ଼ିବାରେ ଯତ୍ପରୋନାସ୍ତି ପ୍ରୟାସ କରୁଛି ତ ଅନ୍ୟ ପକ୍ଷରେ ଜଣେ ମନୁଷ୍ୟକୁ ପ୍ରେମ କରିବା ପାଇଁ ତାଗିଦ କରୁଛି। ସୁତରାଂ ଅହମଦୀୟା ସମ୍ପ୍ରଦାୟର ସଂସ୍ଥାପକ ତଥା ତାଙ୍କ ଖଲିଫାଗଣ ନିଜର ନୀତିଶିକ୍ଷା ମାଧ୍ୟମରେ ଲକ୍ଷ ଲକ୍ଷ ପଥହରା ମନୁଷ୍ୟଙ୍କୁ ସତପଥକୁ ଟାଣି ଆଣି ପାଳନକର୍ତ୍ତାଙ୍କ ସହିତ ସେମାନଙ୍କର ସଂଯୋଗ ସ୍ଥାପନ କରି ଦେଇଛନ୍ତି। ଯଦ୍ଦ୍ୱାରା ସେମାନଙ୍କୁ ମିଳିପାରିଛି ଅଲ୍ଲାଃଙ୍କ ସାନିଧ୍ୟ ପ୍ରାପ୍ତିର ଏକ ଦିବ୍ୟ ଅନୁଭବ। ସୁତରାଂ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରାଣପ୍ରତିଷ୍ଠାତା କହିଛନ୍ତି; ବର୍ତ୍ତମାନ ଯୁଗରେ ମୁଁ ଈଶ୍ୱର ପ୍ରେରିତ ସୁଧାରକ ହୋଇ ଆସିବା କେବଳ ମୁସଲମାନମାନଙ୍କ ସଂସ୍କାର ପାଇଁ ଅଭିପ୍ରେତ ନୁହେଁ; ବରଂ ମୁସଲମାନ, ହିନ୍ଦୁ, ଖ୍ରୀଷ୍ଟିଆନ ଏହି ତିନି ପ୍ରମୁଖ ଧାର୍ମିକ ସମ୍ପ୍ରଦାୟର ସୁଧାର ପାଇଁ ନିର୍ଦ୍ଦିଷ୍ଟ କରାଯାଇଛି। ଯେପରି ଅଲ୍ଲାଃ ମୋତେ ମୁସଲମାନ ଓ



ଖ୍ରୀଷ୍ଟିଆନ ନିମନ୍ତେ ମସିହ ମଉଦ କରି ପଠାଇଛନ୍ତି, ମୁଁ ସେହିପରି ହିନ୍ଦୁ ପାଇଁ କୃଷ୍ଣ ଅବତାର ରୂପରେ ଆସିଅଛି। ମୁଁ ସବୁ ମୁସଲମାନ, ଖ୍ରୀଷ୍ଟିଆନ, ହିନ୍ଦୁ ଓ ଆର୍ଯ୍ୟ ସମାଜୀଙ୍କ ନିକଟରେ ଘୋଷଣା କରୁଛି ଯେ ଏହି ସଂସାରରେ ମୋର କେହି ଶତ୍ରୁ ନାହାନ୍ତି। ମୁଁ ମାନବ ସମାଜକୁ ଏପରି ପ୍ରେମ କରେ ଯେପରି ସନ୍ତାନକୁ ତା'ର କରୁଣାମୟୀ ମାତା, ବରଂ ତା'ଠାରୁ ମଧ ଅଧିକ। ମୁଁ କେବଳ ସେହି ମିଥ୍ୟା ମତବାଦର ଶତ୍ରୁ, ଯାହା ସତ୍ୟକୁ ବିନାଶ କରେ। ମଣିଷ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ମୋର କର୍ତବ୍ୟ। ମିଥ୍ୟା, ଅନେକେଶ୍ୱରବାଦ, ଅତ୍ୟାଚାର ତଥା ପ୍ରତ୍ୟେକ ପ୍ରକାର ଅସଦାଚରଣ, ଅନ୍ୟାୟ ଓ ଦୁଃଶ୍ଚରିତ୍ର କର୍ମକୁ ଅସ୍ୱୀକାର କରିବା ମୋର ନୀତି। ଆମର ସିଦ୍ଧାନ୍ତ ସମଗ୍ର ମାନବଜାତି ପ୍ରତି ସହାନୁଭୂତି। ଯଦି ଜଣେ ପଡ଼ୋଶୀ ଦେଖୁଛି ଯେ ଜଣେ ପାଖ ହିନ୍ଦୁ ଘରେ ନିଆଁ ଲାଗିଛି, ଅଥଚ ତାକୁ ଲିଭାଇବା ପାଇଁ ସେ ଅଂଟା ଭିଡ଼ି ବାହାରୁ ନାହିଁ, ତା'ହେଲେ ମୁଁ ସତ କହୁଛି ଯେ ସେହି ବ୍ୟକ୍ତି ମୋର କେହି ନୁହେଁ। ଯଦି ମୋର ଅନୁଗାମୀମାନଙ୍କ ମଧ୍ୟରୁ କେହି ବ୍ୟକ୍ତି ଦେଖୁଛି ଯେ ଜଣେ ଖ୍ରୀଷ୍ଟିଆନକୁ ହତ୍ୟା କରାଯାଉଛି ମାତ୍ର ସେ ସେହି ହତ୍ୟାକାରୀଠାରୁ ଛଡ଼ାଇବା ଉଦ୍ଦେଶ୍ୟ ନେଇ କୌଣସି ସାହାଯ୍ୟ ପାଇଁ ଆଗେଇ ଆସୁନାହିଁ, ତେବେ ଏହା ନିରାଟ ସତ୍ୟ ଯେ ସେହି ବ୍ୟକ୍ତି ଆମ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ।

ହଜରତ ମିର୍ଜା ଗୁଲାମ ଅହମଦଙ୍କ ରଚିତ ପୁସ୍ତକ''ମୈତ୍ରୀ ସଂଦେଶ''କୁ ତାହାଙ୍କ ମହାପ୍ରୟାଣର ମାତ୍ର ଦୁଇ ତିନି ଦିନ ପୂର୍ବରୁ ହିନ୍ଦୁ ଓ ମୁସଲମାନ ମାନଙ୍କ ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ଦ ରକ୍ଷା କରିବା ଉଦ୍ଦେଶ୍ୟରେ ଲିପିବଦ୍ଧ କରା ଯାଇଥିଲା। ସେ ୨୬ ମଇ ୧୯୦୮ ମସିହାରେ ଦେହ ତ୍ୟାଗ କଲେ ଏବଂ ସେହି ପ୍ରସିଦ୍ଧ ବ୍ୟାଖ୍ୟାନକୁ ଜୁନ ୨୧ ତାରିଖ ଦିନ ରାୟ ବାହାଦୂର ପ୍ରତ୍ୟେଲ ଚନ୍ଦ୍ର ଚାଟାର୍ଜୀଙ୍କ ସଭାପତିତ୍ୱରେ ପଢି ଶୁଣାଇ ଦିଆଯାଇଥିଲା। ଭାରତବର୍ଷର ଦୁଇ ମୁଖ୍ୟ ଜାତିଙ୍କ ଉଦ୍ଦେଶ୍ୟରେ ଏହି ମୈତ୍ରୀ ପୂର୍ଣ୍ଣ ସଂଦେଶ ଅଭିପ୍ରେତ ଥିଲେ ମଧ ଦେଶର ସବୁ ଜାତି ଓ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନା ପ୍ରତିଷ୍ଠା କରିବା ଏବଂ ଦେଶରେ ଏକତା ଓ ଅଖଣ୍ଡତା ରକ୍ଷା କରିବା ଥିଲା ଏହି ବାର୍ତ୍ତାର ମୁଖ୍ୟ ଉଦ୍ଦେଶ୍ୟ। ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଭେଦଭାବ ଦୂର କରାଇବାକୁ ଯାଇ ହଜରତ ମିର୍ଜା ଗୁଲାମ ଅହମଦ କହିଛନ୍ତି, ଯେତେବେଳେ ଆପଣମାନେ ବେଦ ଓ ବେଦର ଋଷି ମୁନିମାନଙ୍କୁ ଈଶ୍ୱର ପ୍ରେରିତ ବୋଲି ଗ୍ରହଣ କରିନେବେ ଏବଂ ଠିକ ସେହିପରି ହିନ୍ଦୁମାନେ ଆମ୍ଭର ପବିତ୍ର ଅବତାର ହଜରତ ମୁହମ୍ମଦ ସଲ୍ଲମଙ୍କ ଅବତାରତ୍ୱକୁ ଗ୍ରହଣ କରିନେବେ, ସେତେବେଳେ ମନେ ରଖନ୍ତୁ; ଏହା ହିଁ ହେବ ପ୍ରକୃତ ମୈତ୍ରୀ ସ୍ଥାପନର ଏକ ମାତ୍ର ପନ୍ଥା। ଏବଂ ଏହା ହିଁ ଏପରି



ଜଳ, ଯାହା ହୃଦୟର ଆବିଳତାକୁ ଦୂର କରିଦେବ। ଏ ଦୁଇ ଜାତିର ମିଳନର ଦିନ ଯଦି ଆସିଥାଏ, ତେବେ ଈଶ୍ୱର ସେମାନଙ୍କ ହୃଦୟକୁ ଉନ୍ମୁକ୍ତ କରିଦେବେ, ଯାହାପାଇଁ ମୋର ହୃଦୟକୁ ଉନ୍ମୁକ୍ତ କରି ଦେଇଛନ୍ତି।

ନିଜ ଦେଶବାସୀଙ୍କୁ ସମ୍ବୋଧନ କରି ହଜରତ ମିର୍ଜା ଗୁଲାମ ଅହମଦ କହିଛନ୍ତି, ପ୍ରିୟ ବନ୍ଧୁଗଣ ! ଚିର କାଳର ଅନୁଭବ ଏବଂ ପରୀକ୍ଷାରୁ ଏହା ସିଦ୍ଧ ହୋଇଛି ଯେ, ମହାପୁରୁଷମାନଙ୍କୁ ନିନ୍ଦା କରିବା, ସେମାନଙ୍କ ପ୍ରତି ଅନୁଚିତ ଓ ଅପମାନଜନକ କଟୁବାକ୍ୟ କହିବା କିମ୍ବା ଅନ୍ୟ କୌଣସି ପ୍ରକାର ଅସମ୍ମାନ ଓ ଅନାଦାର ପ୍ରଦର୍ଶନ କରିବା ଏପରି ଏକ ବିଷୟ, ଯାହା ଶରୀର, ଆତ୍ମା ଓ ମନକୁ ପ୍ରଦୂଷିତ କରିଦିଏ ଏବଂ ସେମାନଙ୍କ ସାଂସାରିକ ଓ ଧାର୍ମିକ ଜୀବନକୁ ନଷ୍ଟ କରିଦିଏ। ସେହି ଦେଶ କଦାପି ଶାନ୍ତିରେ ରହିପାରିବ ନାହିଁ, ଯାହାର ଅଧିବାସୀମାନେ ଜଣେ ଅନ୍ୟର ଧାର୍ମିକ ନେତା, ମହାପୁରୁଷମାନଙ୍କ ପ୍ରତି କଟାକ୍ଷ ଓ ଆକ୍ଷେପମୂଳକ ମନ୍ତବ୍ୟ ଦେବାରେ ମଗ୍ନ ରହନ୍ତି। ସେହି ଦୁଇ ସମ୍ପ୍ରଦାୟ ମଧ୍ୟରେ କଦାପି ସଦ୍‌ଭାବ ରହିପାରିବ ନାହିଁ।

ଆସନ୍ତୁ, ଆଜି ଆମେ ସମସ୍ତେ ମିଳି ମିଶି ଇସଲାମର ସେହି ଶାନ୍ତି, ମୈତ୍ରୀ, ସହିଷ୍ଣୁତା ଏବଂ ସମନ୍ୱତାରର ଶିକ୍ଷାକୁ ଏକ ମନ ଏକ ପ୍ରାଣ ହୋଇ ସମଗ୍ର ସଂସାରରେ ପ୍ରସାରିତ କରିବା। ବିଶ୍ୱ ଶାନ୍ତି ତଥା ଭାଇଚାରାର ସମାଜ ଗଠନ କରିବା। ସର୍ବେ ଭବନ୍ତୁ ସୁଖିନଃ। ଏହା ହିଁ ଆମର କାମନା।

***"ଆସ ଆସ ଭାଇ ବଡ଼ ହେବା ପାଇଁ, ଲାଗିଯିବା ଲୋକ ଆତ୍ମା ଉପକାରେ, ଏହି ପଥେ ସତ୍ୟ ଏହି ପଥେ ଧର୍ମ, ଏହି ପଥେ ପ୍ରଭୁ ବିଷ୍ଣୁ ମିଳିପାରେ।"***

# ଉପାସ୍ୟଙ୍କ ପୂଣ୍ୟବ୍ରତ ବନାମ ଶାନ୍ତିର ପୁରୋହିତ

**ଗାନ୍ଧିଜୀ: ଉପାସ୍ୟଙ୍କ ପୂଣ୍ୟବ୍ରତ–**

ଗାନ୍ଧିଜୀ, ଜାତିର ପିତା, ସବୁରି ତୁଣ୍ଡରେ 'ବାପୁ' ଯାହାଙ୍କର ଭାରତର ସ୍ୱାଧୀନତା ସଂଗ୍ରାମକୁ ନେତୃତ୍ୱ ଦେବାରେ ତଥା ବିନା ରକ୍ତପାତରେ ସ୍ୱାଧୀନତା ଆଣିବାରେ ପଛାନ୍ତର ନାହିଁ, ଯିଏ ନିଜ ପାଇଁ ରଚି ଯାଇଛନ୍ତି ଇତିହାସ ଏବଂ ନିଜେ ଜଣେ ଦେଶ ଓ ବିଶ୍ୱ ପାଇଁ କିମ୍ବଦନ୍ତୀ ପୁରୁଷ, ସିଏ ୨ ଅକ୍ଟୋବର ୧୮୬୯ ମସିହାରେ ଗୁଜୁରାଟର ପୋର ବନ୍ଦର ଠାରେ ଜନ୍ମ ହୋଇଥିଲେ। ତାଙ୍କର ପିତାଙ୍କ ନାମ କରମଚାନ୍ଦ ଗାନ୍ଧୀ ଏବଂ ମାତାଙ୍କ ନାମ ପୁତୁଲୀ ବାଇ ଏବଂ ତାଙ୍କ ନିଜର ପୂରାନାମ ମୋହନ ଦାସ କମରଚାନ୍ଦ ଗାନ୍ଧୀ; କିନ୍ତୁ ତାଙ୍କର ବିଶ୍ୱବ୍ୟାପି କାର୍ଯ୍ୟ କୁଶଳତା ତଥା ବ୍ୟକ୍ତିତ୍ୱ ପାଇଁ ସାର୍ବଜନୀନ ଏବଂ ସାଧାରଣ ଭାବରେ "ମହାତ୍ମାଗାନ୍ଧି" ଭାବେ ବିଶ୍ୱରେ ସମ୍ବୋଦ୍ଧିତ ଓ ପରିଚିତ ହୋଇଛନ୍ତି।

'ଗାନ୍ଧିଜୀଙ୍କର ଅହିଂସା' ଏବଂ 'ସତ୍ୟ'ର ଦର୍ଶନତତ୍ତ୍ୱ ଉପରେ ଗଭୀର ବିଶ୍ୱାସ ଥିଲା। ସେହି ଦୁଇଟିକୁ ଆଧାର କରି ଯେଉଁ ଆନ୍ଦୋଳନ ସେ ଭାରତର ସ୍ୱାଧୀନତା କ୍ଷେତ୍ରରେ ଚଳାଇଥିଲେ, ତାକୁ ସତ୍ୟାଗ୍ରହ କୁହାଯାଏ। ତାଙ୍କ ବିଶ୍ୱାସରେ ସତ୍ୟ ଏବଂ ଅହିଂସା ଏକମାତ୍ର ବିଶ୍ୱଶାନ୍ତିର ଆଧାର। ସତ୍ୟ ଓ ଅହିଂସା ତାଙ୍କ ମତରେ କହିବା ସହଜ ହୋଇପାରେ; କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଏହାକୁ ପ୍ରୟୋଗ କରିବା ବହୁତ କଠିନ। ଏଥିପାଇଁ ଅସୀମ ଧୈର୍ଯ୍ୟ ଦରକାର ଏବଂ ଶେଷରେ ସତ୍ୟ ଓ ଅହିଂସାର ହିଁ ଜୟ ହୋଇଥାଏ। ଏହା ସମସ୍ତ ଶକ୍ତିଶାଳୀ ଅସ୍ତ୍ରମାନଙ୍କ ମଧ୍ୟରେ ମହାଶକ୍ତିଶାଳୀ। ବିଶ୍ୱର ମଙ୍ଗଳାର୍ଥେ ଏହା ହିଁ ଏକ ନୂତନ ଆବିଷ୍କାରର ପବିତ୍ର ଶାନ୍ତିର ଅସ୍ତ୍ର। ଏଣୁ ଯିଶୁଙ୍କ ପରି ଶାନ୍ତିର ବାର୍ତ୍ତା ଧରି ସେ ପଦାର୍ପଣ କରିଥିଲେ ଏହି ଭାରତ ଭୂଖଣ୍ଡରେ ଏବଂ ବିଶ୍ୱଶାନ୍ତି ପାଇଁ ଯୀଶୁ କ୍ରୁଶବିଦ୍ଧ ହୋଇ ପ୍ରାଣବଳି ଦେଲାପରି ସେ ମଧ ଆତତାୟୀର ଗୁଳିଚୋଟରେ ଚିରଶାନ୍ତି ଲଭିଲେ। ଏକଦା ସେ କହିଥିଲେ: ଏମିତି ଜଣେ ପବିତ୍ର ବ୍ୟକ୍ତିତ୍ୱ କେହି ନାହିଁ ଯିଏ ନିଜ ଜୀବନର ମୂଲ୍ୟବାନ ସଂପଦ– ଜୀବନକୁ ଦେବାରେ କୁଣ୍ଠାବୋଧ କରେନାହିଁ। ମୋର ବିଶ୍ୱାସ ଏବଂ ପ୍ରାର୍ଥନା ଯେ ମୋ ପାଖରେ ସେ ପବିତ୍ରତାକୁ ପ୍ରମାଣ କରିବାରେ ଅବସାଦ ବି ନାହିଁ । (No man if he is pure has anything and precious to give than his life. I hope and pray that I have the purity in me to justify the step). ସେ ଏକଥା ମଧ ଜୀବନରେ ପ୍ରମାଣ କରାଇଦେଲେ।

ମହତ୍ମା ଗାନ୍ଧିଜୀଙ୍କର ବ୍ୟକ୍ତିତ୍ୱ ସଂପର୍କରେ ଆଲୋକପାତ କରିବା ଏକ ବଡ କଠିନ ବ୍ୟାପାର। ଏଇଟା ଯେମିତି ଗୋଟାଏ ପୃଥିବୀକୁ ହାତ ପାପୁଲିରେ ଧରିବା ସଦୃଶ ହେବ। ତେବେ ସଂକ୍ଷେପରେ ଏତିକିରେ କୁହାଯାଇପାରେ ସେ ଜଣେ ସଂପୂର୍ଣ୍ଣ ପବିତ୍ର ବ୍ୟକ୍ତିତ୍ୱ ଯାହାର ଜୀବନ ଭବିଷ୍ୟତ ବିଶ୍ୱ ପାଇଁ ଏକ ବାର୍ତ୍ତା, ଯାହାର ଚିନ୍ତାଧାରା ଆମ ପାଇଁ ମହାନଶିକ୍ଷା, ଯାହାର ଆଦର୍ଶ ଅପ୍ରତିଦ୍ୱନ୍ଦୀ ଓ ଅଦ୍ୱିତୀୟ ନାୟକତ୍ୱର ଉର୍ଦ୍ଧ୍ୱରେ, ଯାହାର କାର୍ଯ୍ୟାବଳୀ ସର୍ବଦା ଅବିସ୍ମରଣୀୟ, ଯାହାର ସାହସିକତା ଓ ଦେଶପ୍ରେମ ସର୍ବୋପରି ସର୍ବୋପମ। ପୃଥିବୀରେ ଶୃଙ୍ଖଳ, ଦୁର୍ବଳ, ଚିର ଦଳିତ ଏବଂ ଅବହେଳିତ ବ୍ୟକ୍ତିଙ୍କର ମୁକ୍ତି ଓ ଶାନ୍ତି ପାଇଁ, ସେ ନିଜେ ଜୀବନରେ କାର୍ଯ୍ୟତଃ ପ୍ରମାଣିତ କରି ଯାଇଛନ୍ତି। ସେ ଜଣେ ମୁକ୍ତିମଶାଲଧାରୀ ଶାନ୍ତିର ପୁରୋହିତ।

ଏହି ମହାନ୍ ବ୍ୟକ୍ତିତ୍ୱଙ୍କର ସ୍ମୃତିଚାରଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ୨ ଅକ୍ଟୋବରକୁ ଭାରତରେ ଛୁଟିଦିବସ ରୂପେ ପାଳିତହୁଏ। ଏହି ଦିନ ନାନା ଭାଷଣ, ପ୍ରତିଯୋଗିତା, ଦୂରଦର୍ଶନ, ଆକାଶବାଣୀ ତଥା କଳାକାର ଏବଂ ବାଲୁକାଶିଳ୍ପୀମାନଙ୍କ ଦ୍ୱାରା ସେମାନଙ୍କର ସୌନ୍ଦର୍ଯ୍ୟବୋଧ ସୃଷ୍ଟିମାନଙ୍କ ମାଧ୍ୟମରେ ଗାନ୍ଧି ବାର୍ତ୍ତା ଓ କାର୍ଯ୍ୟ ପ୍ରତିଫଳନ କରାଯାଏ।

ଗାନ୍ଧି ଜୟନ୍ତୀ ୨ ଅକ୍ଟୋବରକୁ ଆନ୍ତର୍ଜାତିକ ସ୍ତରରେ "ଅହିଂସା" (Non-Violence) ଦିବସ ରୂପେ ପାଳିତ ହୁଏ। ଗାନ୍ଧିଙ୍କ ପ୍ରତି ବିଶ୍ୱବାସୀଙ୍କର ଏହା ହିଁ ଭକ୍ତି ଓ ଶ୍ରଦ୍ଧାର ଉପହାର।

**ଆମ ଶାସ୍ତ୍ରୀଜୀ: ଶାନ୍ତିର କପୋତ–**

୨ ଅକ୍ଟୋବରକୁ ଗାନ୍ଧିଜୟନ୍ତୀ ହିସାବରେ ଉଭୟ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ପାଳନ କରାଯାଏ। କିନ୍ତୁ ଏଇ ଭାରତରେ ଆଉ ଜଣେ ମହାନ ବ୍ୟକ୍ତିତ୍ୱ ଅଛନ୍ତି ଯାହାଙ୍କ ଜନ୍ମତିଥି ମଧ ଏହି ଦିନ ପାଳିତ ହୁଏ। ସେ ହେଉଛନ୍ତି ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ, ସଂକ୍ଷେପରେ ଶାସ୍ତ୍ରୀଜୀ ଯିଏକି ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଥିଲେ। ସେ ଜଣେ ମଧ ସ୍ୱାଧୀନତା ସଂଗ୍ରାମୀ ଯିଏ କି ଦେଶର ମୁକ୍ତି ସଂଗ୍ରାମରେ ଝାସ ଦେଇ ନିଜ ପାରିବାରିକ ଜୀବନ ପ୍ରତି ଆଖି ବୁଜି ଦେଇଥିଲେ। ସେ ଭାରତର ଉନ୍ନତିକଳ୍ପେ ବହୁ ପ୍ରକାର କାର୍ଯ୍ୟମାନ କରିଯାଇଛନ୍ତି। ସେ ଜଣେ ସଂପୂର୍ଣ୍ଣ ମାନବବାଦୀ ବ୍ୟକ୍ତିତ୍ୱ ଯିଏକି ମଣିଷକୁ କେବଳ ଗୋଟିଏ ମଣିଷ ଜାତି ହିସାବରେ ଦେଖୁଥିଲେ। ସେ ଥିଲେ ସକଳ ଜାତି-ଧର୍ମ ଏବଂ ସଂପ୍ରଦାୟର ଉର୍ଦ୍ଧ୍ୱରେ। ଏଇଥିପାଇଁ ସେ ତାଙ୍କର ସାଙ୍ଗିଆ ବା ସରନେମ 'ଶ୍ରୀବାସ୍ତବ'କୁ କାଟିଦେଇଥିଲେ। କାରଣ ଏହା ଏକ ଜାତିର ପ୍ରତୀକ ଥିଲା ଏବଂ ସେ ଏହାକୁ ଘୃଣା କରୁଥିଲେ। ଲାଲ ବାହାଦୂରଙ୍କର ଜନ୍ମ ୨ ଅକ୍ଟୋବର ୧୯୦୪ ମସିହାରେ ହୋଇଥିଲା। ତାଙ୍କ ପିତା ଓ ମାତାଙ୍କ ନାମ ଯଥାକ୍ରମେ ଶାରଦା ପ୍ରସାଦ ଏବଂ ରାମଦୁଲାଲୀ ଦେବୀ। ତାଙ୍କ ପିତା ଜଣେ ଶିକ୍ଷକ ଥିଲେ। ଦୁଃଖ ଯେ ତାଙ୍କୁ ଦେଢବର୍ଷ ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏଣୁ ତାଙ୍କ ମା'ଲାଲବାହାଦୁରଙ୍କୁ ଧରି ନିଜ ପିତାଘରକୁ ଚାଲିଗଲେ। ସେଠାରେ ତାଙ୍କର ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାପରେ, ସେ ବାରଣାସୀ ଯାଇ କାଶୀ ବିଦ୍ୟାପୀଠରେ ପଢି ଶାସ୍ତ୍ରୀ ଉପାଧି ପାଇଥିଲେ। ଏହା ଏକ ଉଚ୍ଚ ଶିକ୍ଷାଗତ ଉପାଧି ଥିଲେ ହେଁ, ତାଙ୍କର ଜ୍ଞାନ ଓ ବୁଦ୍ଧିର ବିଚକ୍ଷଣତା କାରଣରୁ ଏହି ଉପାଧି ନାମରେ ସେ ସବୁଦିନ ପାଇଁ ପରିଚିତ ହୋଇଗଲେ। ଶାସ୍ତ୍ରୀଜୀ ଅର୍ଥ ଜ୍ଞାନୀ।

୧୯୧୫ ମସିହାରେ ଗାନ୍ଧିଙ୍କର ଏକ ଭାଷଣ ଶୁଣିବାରେ ତାଙ୍କୁ ସୁଯୋଗ ମିଳିଲା ଯାହା ତାଙ୍କୁ ସ୍ୱାଧୀନତା ସଂଗ୍ରାମକୁ ଲମ୍ଫ ପ୍ରଦାନ ନିମନ୍ତେ ଅନୁପ୍ରାଣିତ କଲା। ୧୯୨୧ ମସିହାରେ ସେ ଡେଫିୟାନସ୍ ଅଫ୍ ପ୍ରୋହିବିଟାରୀ ଅର୍ଡର ଶୋଭାଯାତ୍ରାରେ ଯୋଗଦେଇ ବନ୍ଦୀ ହେଲେ; କିନ୍ତୁ ନାବାଳକ ହେତୁ ତାଙ୍କୁ ମୁକ୍ତ କରାଗଲା। ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଇ ସେ ଅଢେଇବର୍ଷ କାଳ ଜେଲ ଯାଇଥିଲେ। ୧୯୪୦ରେ ସେ ବ୍ୟକ୍ତିଗତ ଭାବେ ସତ୍ୟାଗ୍ରହକୁ ପୂର୍ଣ୍ଣ ସମର୍ଥନ ସାବ୍ୟସ୍ତ କଲେ ଏବଂ ପୁଣି ଜେଲ ଗଲେ। ପରେ ବ୍ରିଟିଶ ଭାରତ ଭାରତ ଛାଡ ଆନ୍ଦୋଳନ ପାଇଁ ଲୋକଙ୍କୁ ପ୍ରେତ୍ସାହନ ଯୋଗାଇ ୧୯୪୬ ଯାଏଁ ପୁନଶ୍ଚ ଜେଲ ଭୋଗ କଲେ।

ଜବାହାର ଲାଲ ନେହୁରୁ ଆମର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଭାରତର ପ୍ରଧାନମନ୍ତ୍ରୀ ପଦ ୯ ଜୁଲାଇ ୧୯୬୪ରେ ଗ୍ରହଣ କଲେ। ତାଙ୍କର ପ୍ରଧାନମନ୍ତ୍ରୀତ୍ୱ ବେଳେ ଭାରତର ପ୍ରଗତି ଓ ଉନ୍ନତି କାମନା କରି ସେ ସବୁଜ ବିପ୍ଳବ ଏବଂ ଶ୍ୱେତ ବିପ୍ଳବର ଆହ୍ୱାନ ଦେଇଥିଲେ। କୃଷି ଓ କୃଷକଙ୍କର ଉନ୍ନତି କାରଣାର୍ଥେ ତାଙ୍କର ସ୍ଲୋଗାନ ଥିଲା "ଜୟ କିଶାନ" ଏବଂ ସୈନିକମାନଙ୍କ ପାଇଁ ଥିଲା "ଜୟ ଜୱାନ"। ତାଙ୍କ ମତରେ ଦେଶର ନିରାପତ୍ତା ସୈନିକମାନଙ୍କ ହସ୍ତରେ ଏବଂ ଦେଶର ଅର୍ଥନୈତିକ ମେରୁଦଣ୍ଡ କୃଷକମାନଙ୍କ ହସ୍ତରେ ନ୍ୟସ୍ତ ଥିବାରୁ ସେମାନେ ପ୍ରଥମେ ବନ୍ଦନୀୟ। ଏହାବ୍ୟତୀତ ଅନ୍ୟାନ୍ୟ ଉନ୍ନତିମୂଳକ କାମରେ ତାଙ୍କର ଭୂମିକା ସ୍ୱୀକାର୍ଯ୍ୟ।

ଶାସ୍ତ୍ରୀଜୀଙ୍କର ମୃତ୍ୟୁର କାରଣ ଏବେ ବି ଅନ୍ଧକାରାଚ୍ଛନ୍ନରେ ଅଛି। ଭାରତ ଓ ପାକିସ୍ଥାନ ମଧ୍ୟରେ ଦୀର୍ଘକାଳୀନ ଯୁଦ୍ଧର ଅବସାନ ତଥା ଶାନ୍ତି ପ୍ରତିଷ୍ଠା ପାଇଁ ସୋଭିଏତ ଦେଶର ପ୍ରଧାନମନ୍ତ୍ରୀ ଆଲେକ୍ସି କୋସିଜୀନଙ୍କ ମଧ୍ୟସ୍ଥତାରେ ଏକ ମୀମାଂସାଜନିତ ସୂତ୍ରପାତ ହେଲା ସୋଭିଏତର ତାସଖେଣ୍ଟରେ। ଶାନ୍ତିକାମୀ ଶାସ୍ତ୍ରୀଜୀ ଏଥିରେ ଆନନ୍ଦର ସହିତ ଯୋଗଦେଲେ। ପାକିସ୍ଥାନ ତରଫରୁ ଜେନେରାଲ ଆୟୁବ ଖାଁ ସେଥିରେ ଉପସ୍ଥିତ ଥିଲେ। ଅଳିଆ ତୁଟିଲା। ୧୦ ଜାନୁୟାରୀ ୧୯୬୬ ମସିହା ଦିନ ପାକିସ୍ଥାନର ଆୟୁବ ଖାଁ ଏବଂ ଆମ ଶାସ୍ତ୍ରୀଜୀ ଶାନ୍ତି ପ୍ରସ୍ତାବ ଉପରେ ଦସ୍ତଖତ କଲେ । ଏହି ସର୍ତ୍ତ ଅନୁସାରେ ଉଭୟ ଦେଶର ସୈନ୍ୟ ୨୫ ଜାନୁୟାରୀ ୧୯୬୬ ସୁଦ୍ଧା ନିଜ ନିଜର ପୂର୍ବସ୍ଥାନକୁ ଫେରିଯିବା କଥା। ଏ ସମ୍ବାଦରେ ଭାରତୀୟମାନେ ଅତି ଖୁସି ବା ଆନନ୍ଦିତ ହେଲେ। ୧୦ ଜାନୁୟାରୀ ୧୯୬୬ ରାତିକୁ ତାଙ୍କର ଛାତିରେ ଯନ୍ତ୍ରଣା ହେଲା। ୧୧ ଜାନୁୟାରୀ ସକାଳୁ ସକାଳୁ ତାଙ୍କର ଦେହାନ୍ତ ହେଲା। ଅନେକଙ୍କ ମତରେ ତାଙ୍କର ହୃଦ୍‌କ୍ରିୟାଜନିତ ମୃତ୍ୟୁ ହୋଇଛି, ଅଥଚ ଅନେକଙ୍କର ମତ ଯେ ତାଙ୍କୁ ବିଷ ପ୍ରୟୋଗ କରାଇ ମାରି ଦିଆଯାଇଛି। କାରଣ ତାଙ୍କର ମୃତଦେହଟି ସଂପୂର୍ଣ୍ଣ ନୀଳ ପାଲଟିଯାଇଥିଲା ଯାହାକି ବିଷ ପ୍ରୟୋଗର ଲକ୍ଷଣ। ଏପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର କାରଣ ଏକ ରହସ୍ୟାବୃତ୍ତ ହୋଇ ରହିଯାଇଛି।

ଶାସ୍ତ୍ରୀଜୀ ତାଙ୍କ ମୃତ୍ୟୁ ପୂର୍ବରୁ ଯେତିକି ପ୍ରସାରିତ ଓ ପ୍ରଚାରିତ ହୋଇନଥିଲେ, ତାଙ୍କ ମୃତ୍ୟୁ ସେ କ'ଣ ବୋଲି ପ୍ରମାଣିତ କରିଦେଲା। ଭାରତର ଶୋକାକୁଳ ଜନତା ତାଙ୍କୁ ଦିଲ୍ଲୀର ଯେଉଁଠାରେ ଦାହ କଲେ, ତାହାର ନାମ ରଖିଲେ ବିଜୟ ଘାଟ। ଦେଶ ପାଇଁ ତାଙ୍କ ମୃତ୍ୟୁ ତାଙ୍କୁ ବିଜୟର ଟୀକା ପିନ୍ଧାଇ ଦେଇଛି, ଖାସ୍ ଏଇ ତାସଖେଣ୍ଡ ଚୁକ୍ତିରେ।

ନିଜ ସଂପର୍କରେ ସେ କହିଯାଇଛନ୍ତି: ମୁଁ ଶାସକ ନୁହେଁ, ମାତ୍ର ଜଣେ ସେବକ; ମୁଁ ଜଣେ ସାଧାରଣମାନଙ୍କ ମଧ୍ୟରେ ସାଧାରଣ।

ସତରେ ଶେଷଯାଏଁ–ସେ ହିଁ ସାଧାରଣ ଥିଲେ। ତାଙ୍କ କର୍ମ, ସେବା ତଥା ମହତପଣିଆ ପାଇଁ ସେ ସଦାକାଳେ ଆମ ପାଖେ ଥିବେ।

ଆଜିର ଜୟନ୍ତୀ ଅବସରରେ ଆସନ୍ତୁ, ଏହି ଦୁଇ ଭାରତୀୟ ମହାନ ବ୍ୟକ୍ତିଙ୍କ ପ୍ରତି ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା। ଏହା ହିଁ ସେମାନଙ୍କ ପ୍ରତି ଆମ୍ଭମାନଙ୍କର ଶ୍ରେଷ୍ଠ ସମ୍ମାନ ହେଉ !

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ନଭେମ୍ବର ୧୦

# ଲିଭର୍ ଲ୍ୟାବରେ ମଧୁମେହ ତାପ

ଆଜି ଓ୍ୱାର୍ଲଡ୍ ଡାଇବେଟିସ୍ ଡେ' ବା ବିଶ୍ୱ ମଧୁମେହ ଦିବସ। ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ ସମଗ୍ର ବିଶ୍ୱରେ ମଧୁମେହ ଦିବସ ଭାବେ ପାଳନ କରାଯାଏ। ମଧୁମେହ ରୋଗ ସହିତ ଲିଭର ଓତଃପ୍ରୋତ ଭାବେ ଜଡ଼ିତ। ଲିଭର ଏକ ବିରାଟ ଲେବୋରେଟରି ବା ରସାୟନାଗାର। ଏହା ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି। ପେଟର ମଧ ଭାଗର ଡାହାଣପଟକୁ ମଧଚ୍ଛଦାର ଠିକ୍ ତଳକୁ ଯକୃତ ରହିଥାଏ। ପିଞ୍ଜରାହାଡ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ଥିବାବେଳେ ଏହାକୁ ଶରୀରର ବିଜ୍ଞାନଗାର କହିଲେ ଅତ୍ୟୁକ୍ତି ହେବନାହିଁ। ଏକ ସମୟରେ ଏହା ବହୁତ ରାସାୟନିକ କାର୍ଯ୍ୟ କରିଥାଏ। ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ୍ ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ୍ ସୃଷ୍ଟି କରିବାରେ ଯକୃତ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନ ଆବଶ୍ୟକ ପଡ଼େ ଯଥା ପ୍ରୋଥ୍ରୋମ୍ବିନ୍ ଓ ଫିବ୍ରିନୋଜେନ୍ ତାହା ଯକୃତ ଲେବୋରେଟରିରେ ହିଁ ତିଆରି ହୁଏ। ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣି ମଧକୁ ପ୍ରବେଶ କରିବା ସମୟରେ ପିତ୍ତନଳୀରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଶର୍କରା ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଲିଭର ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ। ଏହି ବ୍ୟସ୍ତବହୁଳତା ମଧରେ ଯକୃତ ତାର କର୍ମ କରୁଥିବା ସମୟରେ ଶରୀର ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ଯକୃତର ସମସ୍ୟା ବଢ଼ିଯାଏ। ମଧୁମେହ ଓ ଯକୃତ ପରସ୍ପର ନିର୍ଭରଶୀଳ। ମଧୁମେହ ରୋଗ ହେଲେ ଯକୃତ ଖରାପ ହୁଏ ଓ ଯକୃତ ଖରାପ ହେଲେ ମଧ ଶରୀର ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ ହୁଏ। ଅନ୍ୟ କେତେକ କ୍ଷେତ୍ରରେ ଉଭୟ ଲିଭର ଓ ଅଗ୍ନ୍ୟାଶୟ ଏକା ସହିତ ଆକ୍ରାନ୍ତ ହୁଅନ୍ତି। ମଧୁମେହ ରୋଗରେ ଆକ୍ରାନ୍ତ ହେଲେ ୪୦-୭୦% କ୍ଷେତ୍ରରେ ଯକୃତରେ ଚର୍ବି ଜମିଯାଏ। ଏହାକୁ ଫ୍ୟାଟିଲିଭର କୁହନ୍ତି। ଅତ୍ୟଧିକ ଚର୍ବି ଜମିଲେ ଯକୃତ କୋଷରେ ଏକ ପ୍ରକାର ପ୍ରଦାହ ସୃଷ୍ଟି ହୋଇ ରକ୍ତରେ ଲିଭର ପାଚକ ରସର ମାତ୍ରା ବୃଦ୍ଧିପ୍ରାପ୍ତ ହୁଏ। ଏହାକୁ ନାସ୍ ବା ଷ୍ଟିଆଟୋ ହେପାଟାଇଟିସ୍ କୁହାଯାଏ। ଧୀରେ ଧୀରେ ଚର୍ବି ଜମିଲେ ଲିଭର କୋଷର କ୍ଷତ ସୃଷ୍ଟି ହୋଇ ସଂଯୋଜକ ତନ୍ତୁରେ ମୋଟା ଦାଗ ଜମିଯାଏ। ଏହା ଯକୃତର କାର୍ଯ୍ୟ କ୍ଷମତାକୁ କମାଇ ଦିଏ ଓ ସୂତ୍ରତନ୍ତୁମୟତା ଯୋଗୁଁ ଯକୃତ ସଙ୍କୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ହୋଇ ଧୀରେ ଧୀରେ ସିରୋସିସ୍ ବା ଜଳଉଦରୀ ରୋଗର ସୃଷ୍ଟି ହୁଏ।

ମଧୁମେହ ରୋଗରେ ଯକୃତ କ୍ୟାନସରର ସଂଖ୍ୟା ମଧ ଅଧିକ। ମଧୁମେହରେ ଲିଭରର ପିତ୍ତକୋଷରେ ପଥର ସୃଷ୍ଟି ହୁଏ। ମଧୁମେହ ରୋଗରେ ବ୍ୟବହୃତ ଔଷଧର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ବେଳେ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ବେଳେ ଜଣ୍ଡିସ୍ ହୁଏ। ମଧୁମେହରେ ଜଣ୍ଡିସ ବା ହେପାଟାଇଟିସ୍ ହେଲେ ସେଥିରେ ଜଣ୍ଡିସ୍‌ର ମାତ୍ରା ଅତ୍ୟଧିକ ଭାବରେ ବଢ଼ିଯାଏ ଓ ବେଳେବେଳେ ପେଟରେ ପାଣି ଜମିଯାଏ। ବେଳେବେଳେ ରୋଗୀମାନେ ସେଥିରେ ମୃତ୍ୟୁବରଣ କରନ୍ତି। ମଦ୍ୟପାନ ଓ ହେପାଟାଇଟିସ୍ 'ବି', 'ସି'କୁ ବାଦ ଦେଲେ ମଧୁମେହ ରୋଗ ହେଉଛି ଲିଭର ସିରୋସିସ୍ ବା ଜଳଉଦରୀ ବ୍ୟାଧିର ମୁଖ୍ୟ କାରଣ। ମଧୁମେହ ବା ହେପାଟାଇଟିସ୍ 'ବି' ଓ 'ସି' ଭୂତାଣୁ ବେଳେ ବେଳେ ମିଶି ଯକୃତକୁ ଆକ୍ରମଣ କରନ୍ତି। ଲିଭର ଓ ଅଗ୍ନ୍ୟାଶୟ ଏକା ସହିତ ଖରାପ ହେଲେ ଏହା ସାଂଘାତିକ ଅବସ୍ଥା ସୃଷ୍ଟି କରେ। ଲିଭରରେ ଅତ୍ୟଧିକ ଲୌହକଣିକା ଜମିଗଲେ ଲିଭର ସିରୋସିସ୍ ଓ ଡାଏବେଟିସ୍ ହୁଏ। ଏହାକୁ ବ୍ରୋଞ୍ଜ ଡାଏବେଟିସ ବା ହିମୋକ୍ରୋମାଟୋସିସ୍ କୁହନ୍ତି। ଅଟୋଇମ୍ୟୁନ୍ ଲିଭର ରୋଗରେ ମଧ ଅଗ୍ନ୍ୟାଶୟ ଖରାପ ହୋଇ ଡାଏବେଟିସ୍ ହୁଏ। ଏହାକୁ ଟାଇପ-୧ ଡାଏବେଟିସ ଓ ଅଟୋଇମ୍ୟୁନ୍ ଲିଭର ରୋଗ ବୋଲି କୁହନ୍ତି। ମଧୁମେୟରେ ଅଗ୍ନ୍ୟାଶୟ ଓ ଲିଭର ଏକାଠି ଆକ୍ରାନ୍ତ ହେଲେ ଉଭୟ ରୋଗର ଲକ୍ଷଣ ଦେଖାଯାଏ। ଭୋକ ଲାଗେନାହିଁ, ଜଣ୍ଡିସ୍ ହୁଏ, ଆଖି ହଳଦିଆ ଦେଖାଯାଏ, ପେଟରେ ପାଣି ଜମିଯାଏ। ବେଳେବେଳେ ବୃକକ୍ ଖରାପ ହୋଇ ପରିସ୍ରା କମିଯାଏ। ମନୁଷ୍ୟର ଚେତା ମଧ ବୁଡ଼ିଯାଏ। ମଧୁମେହ ରୋଗ ଯୋଗୁଁ ହୃତ୍‌ପିଣ୍ଡ, ଲିଭର, ଫୁସ୍‌ଫୁସ୍, ବୃକକ୍, ରକ୍ତନଳୀ ଓ ସ୍ନାୟୁଗୁଚ୍ଛ ଇତ୍ୟାଦି ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଖରାପ ହୋଇଯାଏ। ଏହା ଏକ ଦାରୁଣ ବ୍ୟାଧି ଓ ରୋଗୀ ମୃତ୍ୟୁମୁଖରେ ପଡ଼େ। ପ୍ରଥମ ଅବସ୍ଥାରୁ ଉଭୟ ରୋଗର ଚିକିତ୍ସା ବିଶେଷଜ୍ଞ ଚିକିତ୍ସକ ମାନଙ୍କ ଦ୍ୱାରା କଲେ ଏଥିରେ ରୋଗ ଉପଶମ ହେବାର ଆଶା ରହିଛି। ଇନ୍‌ସୁଲିନ୍ ଓ ବିଭିନ୍ନ ପ୍ରକାର ଲିଭର ଔଷଧ ପ୍ରୟୋଗ କରାଯାଏ। ରୋଗୀ ମାନଙ୍କୁ ଦରକାର ହେଲେ ଆଇସିୟୁରେ ରଖିବାକୁ ପଡ଼େ। ତେଣୁ ଏସବୁ କ୍ଷେତ୍ରରେ ପ୍ରଥମରୁ ସାବଧାନ ହେବାର ବହୁତ ଆବଶ୍ୟକତା ରହିଛି। ନିୟମିତ ଶାରୀରିକ ବ୍ୟାୟାମ ଓ ଯୋଗାସନ କଲେ ମଧୁମେହର ନିଆଁ କମିଯାଏ ଓ ଯକୃତର ମଧ ଉପଶମ ମିଳେ। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଲିଭର ବିଭାଗରେ ଉପରୋକ୍ତ ଚିକିତ୍ସାର ସମସ୍ତ ସୁବିଧା ରହିଛି।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ତୁଳସୀ ମହାତ୍ମ୍ୟ

କାର୍ତ୍ତିକ ମାସରେ ଚଉଁରାରେ ଥିବା ତୁଳସୀ ବୃକ୍ଷ ପୂଜା କଲେ ଅଶେଷ ପୂଣ୍ୟ ପ୍ରାପ୍ତି ହୋଇଥାଏ । ଏହା ପୂଜା କରୁଥିବା ଭକ୍ତ ବିଷ୍ଣୁଲୋକ ପ୍ରାପ୍ତ କରିଥାଏ ବୋଲି ପୁରାଣରେ ବର୍ଣ୍ଣନା ରହିଛି । ତେବେ ତୁଳସୀଙ୍କ ମହାତ୍ମ୍ୟ ଶ୍ରବଣ କଲେ ଅଧିକ ପୁଣ୍ୟ ମିଳେ । ଥରେ କାଶ୍ମୀର ଦୁଇ ବ୍ରାହ୍ମଣ ହରିମେଧ ଓ ସୁମେଧ ଥରେ ତୀର୍ଥଯାତ୍ରାରେ ବାହାରିଥିଲେ । ବାଟରେ ତୁଳସୀ ବନ ଦେଖିବା ମାତ୍ରେ ସୁବେମଧ ହାତଯୋଡ଼ି ପ୍ରଣାମ କଲେ । ହରିମେଧ ଏହାର କାରଣ ପଚାରିବାରୁ ସୁମେଧ ତାଙ୍କୁ ଏକ ବରଗଛ ନିକଟକୁ ନେଇ ଯାଇ ତୁଳସୀ ମହାତ୍ମ୍ୟ ଶୁଣାଇଲେ । ସମୁଦ୍ର ମନ୍ଥନରୁ ମାତା ଲକ୍ଷ୍ମୀ, କଳ୍ପବୃକ୍ଷ, ଐରାବତ, କାମଧେନୁ ଆଦି ବାହାରିଲା । ଶେଷରେ ଅମୃତ ବାହାରିଲା । ଅମୃତ ପାତ୍ର ଧରିବା ସମୟରେ ଭଗବାନ ବିଷ୍ଣୁଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ନିଗିଡ଼ି ପଡ଼ିଲା । ସେହି ଅଶ୍ରୁରୁ ହିଁ ତୁଳସୀଙ୍କ ଜନ୍ମ ହୋଇଥିଲେ । ବିଷ୍ଣୁ ତୁଳସୀଙ୍କୁ ନିଜ କୋଳରେ ବସାଇଲେ । ତାଙ୍କ ଆଶୀର୍ବାଦରୁ ତୁଳସୀ ଏକ ପବିତ୍ର ବୃକ୍ଷରେ ପରିଣତ ହେଲେ । ଭବିଷ୍ୟତରେ ତୁଳସୀଙ୍କୁ ପୂଜା କରୁଥିବା ଲୋକ ବିଷ୍ଣୁକୃପା ଲାଭ କରିବେ ବୋଲି ନାରାୟଣ ଆଶୀର୍ବାଦ ଦେଲେ । ଦୁଇ ବ୍ରାହ୍ମଣଙ୍କ କଥୋପକଥନ ଶେଷ ହେବା ପରେ ନିକଟରେ ଥିବା ବରଗଛଟି ଦୁଇ ଫାଳ ହୋଇଗଲା । ସେଥିରୁ ଦୁଇ ବ୍ରହ୍ମରାକ୍ଷସ ବାହାରିଲେ । ପ୍ରଥମ ରାକ୍ଷସଟି



ବିପିନ ବିହାରୀ ରାଉତ

ଦୁଇ ବ୍ରାହ୍ମଣଙ୍କୁ କହିଲା, ମୋ ନାଁ ଆସ୍ତିକ । ମୁଁ ଥରେ ଅପସରାଙ୍କ ସହ ବନରେ କ୍ରୀଡ଼ା କରୁଥିବାବେଳେ ରୋମଷ ନାମକ ଜଣେ ଋଷିଙ୍କ ଧ୍ୟାନ, ଭଗ୍ନ ହେଲା । ତାଙ୍କ ଅଭିଶାପ କ୍ରମେ ମୁଁ ବ୍ରହ୍ମରାକ୍ଷସରରେ ପରିଣତ ହୋଇଯାଇଥିଲି । ସେହିପରି ଅନ୍ୟଜଣକ ଗୁରୁଙ୍କ ଅଭିଶାପକ୍ରମେ ବ୍ରହ୍ମରାକ୍ଷସରେ ପରିଣତ ହୋଇଥିଲା । ଦୁହେଁ ବ୍ରାହ୍ମଣଙ୍କ ଠାରୁ ତୁଳସୀ ମାହତ୍ମ୍ୟ ଶ୍ରବଣ କରିବା ପରେ ବ୍ରହ୍ମରାକ୍ଷସ ଜନ୍ମରୁ ମୁକ୍ତି ପାଇ ମୂଳ ସ୍ୱରୂପକୁ ଫେରି ପାଇଥିଲେ । ଉପରୋକ୍ତ କଥା ପ୍ରଥମେ ବ୍ରହ୍ମଦେବ ନାରଦଙ୍କୁ ଶୁଣାଇଥିଲେ । ପରେ ତୁଳସୀ ମହାତ୍ମ୍ୟ ଏବଂ ତୁଳସୀ ବ୍ରତର ସମ୍ପର୍କରେ ବ୍ୟାସଦେବ ଧର୍ମରାଜ ଯୁଧୀଷ୍ଠିରଙ୍କ ନିକଟରେ ବର୍ଣ୍ଣନା କରିଥିଲେ ।

ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩

# ସୁସ୍ଥ ସମାଜ ପାଇଁ ମନୁଷ୍ୟର ଅଧିକାର

ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ପ୍ରାଣୀ। ସମଗ୍ର ବିଶ୍ୱରେ ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଭାରତ ପରିଚିତ। ଦିନକୁ ଦିନ ଭାରତ ବିଶ୍ୱ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପହଞ୍ଚୁଥିବାବେଳେ ଭାରତର ନ୍ୟାୟ ପାଳିକା ମଧ ଅତ୍ୟନ୍ତ ସୁଦୃଢ଼। ନିକଟରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ତାଙ୍କ ବିଦାୟୀ ଭାଷଣରେ ଯାହା ଉଲ୍ଲେଖ ରଖିଛନ୍ତି ତାହା ଅତ୍ୟନ୍ତ ଭାବପୂର୍ଣ୍ଣ ଓ ହୃଦୟସ୍ପର୍ଶୀ। ବାସ୍ତବରେ ଅଭାବୀଙ୍କ ସେବା ଠାରୁ କିଛି ବଡ଼ ନାହିଁ। ସୁସ୍ଥ ସମାଜରେ ବଞ୍ଚିବା ପାଇଁ ପ୍ରତିଟି ମଣିଷର ସମ୍ବିଧାନ ପ୍ରଦତ୍ତ ନୀତିଗତ ଅଧିକାର ରହିଛି। ଆସନ୍ତୁ ଏହି ଅଧିକାର ସମ୍ପର୍କିତ ଛୋଟିଆ ଆଲୋଚନାଟି ରଖିବା।

ସ୍ୱାଧୀନତା, ସମାନତା ଓ ସୁରକ୍ଷାର ଅଧିକାର : ଦୁନିଆର ପ୍ରତି ବ୍ୟକ୍ତି ସମ୍ମାନ ଓ ଅଧିକାର ମାମଲାରେ ସ୍ୱାଧୀନ ଓ ସମାନ। ପ୍ରତ୍ୟେକ ବ୍ୟକ୍ତିକୁ କୌଣସି ଭେଦଭାବ ବିନା ସମସ୍ତ ଅଧିକାର ଓ ସ୍ୱାଧୀନତା ଦିଆଯାଇଛି। ଏଥିରେ ଜାତି, ବର୍ଣ୍ଣ, ଲିଙ୍ଗ, ଭାଷା, ଧର୍ମ, ରାଜନୈତିକ ବିଚାର, ରାଷ୍ଟ୍ରୀୟତା, ସମ୍ପତ୍ତି, ସମାଜ ଆଦି ବିଷୟକୁ ନେଇ କୌଣସି ଭେଦଭାବ କରିହେବନାହିଁ। ପ୍ରତି ମନୁଷ୍ୟର ଜୀବନ, ସ୍ୱାଧୀନତା ଓ ସୁରକ୍ଷାର ଅଧିକାର ଅଛି। ଆଇନ ଆଗରେ ସମସ୍ତେ ସମାନ। ପ୍ରତ୍ୟେକ ବ୍ୟକ୍ତିର ସୁରକ୍ଷାର ସମାନ ଅଧିକାର ଅଛି।

ପ୍ରତାଡ଼ନା ଓ କ୍ରୂରତାରୁ ସ୍ୱାଧୀନତାର ଅଧିକାର : ପ୍ରତି ବ୍ୟକ୍ତିର ଯନ୍ତ୍ରଣା ପ୍ରତାଡ଼ନା ଓ କ୍ରୂରତାରୁ ମୁକ୍ତ ହେବାର ଅଧିକାର ରହିଛି। ଦୁନିଆର ଯେ କୌଣସି ଅଂଶରେ ଥିବା ଯେ କୌଣସି ମଣିଷର ପ୍ରଥମ ପରିଚୟ ସେ ଜଣେ ମଣିଷ। ଏହାପରେ ହିଁ ଆଇନ ଆସିପାରେ। କୌଣସି ମଣିଷକୁ ଗୁଲାମୀ ବା ଦାସତ୍ୱରେ ରଖିହେବ ନାହିଁ। ଯେ କୌଣସି ପ୍ରକାର ଦାସତ୍ୱ ପ୍ରଥା ଉପରେ ମଧ କଟକଣା ରହିଛି।

ଅଦାଲତ ଦୋଷୀ କହିବା ପୂର୍ବରୁ ନିର୍ଦ୍ଦୋଷ : ଯେ କୌଣସି ଅଧିକାରରୁ ବଞ୍ଚିତ ହୋଇଥିବା ବ୍ୟକ୍ତି ନ୍ୟାୟ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେବା ନିମନ୍ତେ ସଂପୂର୍ଣ୍ଣ ଅଧିକାର ରହିଛି। କୌଣସି ବ୍ୟକ୍ତିକୁ ମନଇଚ୍ଛା ଗିରଫ, ନଜରବନ୍ଦୀ କିମ୍ବା ଦେଶାନ୍ତର କରି ହେବନାହିଁ। ସମସ୍ତଙ୍କ ପାଖରେ ଏକ ସ୍ୱାଧୀନ ଓ ନିରପେକ୍ଷ ଅଦାଲତରେ ସାର୍ବଜନୀନ ଶୁଣାଣିର ଅଧିକାର ରହିଛି। ଅଦାଲତ ଦେଷୀ ବୋଲି ରାୟ ଦେବା ପୂର୍ବରୁ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତିକୁ ନିର୍ଦ୍ଦୋଷ ଭାବରେ ଗ୍ରହଣ କରାଯିବ। ମନୁଷ୍ୟର ଘର, ପରିବାର, ବ୍ୟକ୍ତିଗତ ଜୀବନ ଓ ବ୍ୟକ୍ତିଗତ ଚିଠିରେ ଅନ୍ୟ କୌଣସି ବ୍ୟକ୍ତି ହସ୍ତକ୍ଷେପ କରିବାର ଅଧିକାର ନାହିଁ। ବ୍ୟକ୍ତିଗତ ଏକାନ୍ତତା ଉପରେ ଆକ୍ରମଣ ମାମଲାରେ ବ୍ୟକ୍ତି ଆଇନ ଠାରୁ ସୁରକ୍ଷା ମାଗିବାର ଅଧିକାର ରହିଛି।

ଦେଶ ତ୍ୟାଗ ଓ ଶରଣାର୍ଥୀ ଅଧିକାର : ନିଜ ଦେଶରେ ଯେ କୌଣସି ସ୍ଥାନକୁ ଯିବା ଅଧିକାର ସହ ମନୁଷ୍ୟକୁ ଅନ୍ୟ ଦେଶକୁ ଯିବା ଆସିବା କରିବାର ଅଧିକାର ରହିଛି। କେବଳ ଏତିକି ନୁହେଁ ସେ ନିଜ ଦେଶ ତ୍ୟାଗ କରିପାରିବ ଏବଂ ଫେରି ମଧ ପାରିବ। ପ୍ରତିଟି ମନୁଷ୍ୟ ପାଖରେ ନିଜ ଦେଶ ଛାଡ଼ି ଅନ୍ୟ ଦେଶରେ ଶରଣ ମାଗିବାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତି ପାଖରେ ଏକ ବିଶେଷ ରାଷ୍ଟ୍ରର ନାଗରିକତାର ଅଧିକାର ରହିଛି।



ସତ୍ୟ ମହାପାତ୍ର

କେହି ଜବରଦସ୍ତ ଭାବରେ ବା ମନଇଚ୍ଛା ତାଙ୍କାର ରାଷ୍ଟ୍ରୀୟତା ଛିନ୍ନ କରିପାରିବେ ନାହିଁ।

ବିବାହ ଓ ମହିଳା ପୁରୁଷ ସମାନତା ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଜାତି, ଧର୍ମ ଓ ଜାତୀୟତା ନିର୍ବିଶେଷରେ ବିବାହ କରିବାର ଓ ପରିବାର ବଢ଼ାଇବାର ଅଧିକାର ରହିଛି। ଏଥିସହ ବିବାହ ସମୟରେ ଓ ବିବାହ ପରେ ମହିଳା ଓ ପୁରୁଷଙ୍କର ସମାନତାର ଅଧିକାର ରହିଛି। ପ୍ରତି ବ୍ୟକ୍ତିକୁ ଏକାକୀ ବା ଏକାଧିକ ବ୍ୟକ୍ତିଙ୍କ ସହ ମିଶି ସମ୍ପତ୍ତି ରଖିବାର ଅଧିକାର ରହିଛି। ସମ୍ପତ୍ତି ଉପରୁ ଏହି ଅଧିକାର କେହି ମନଇଚ୍ଛା ଛିନ୍ନ କରିପାରିବେ ନାହିଁ।

ବିଚାର ଓ ଧର୍ମ ଛାଡ଼ିବାର ଓ ଆପଣାଇବାର ଅଧିକାର : ମନୁଷ୍ୟର ଯେ କୌଣସି ବିଚାର ଓ ଧର୍ମକୁ ଆପଣାଇବା ପାଇଁ ସ୍ୱାଧୀନତା ରହିଛି। ଏଥିସହ ନିଜର ଧର୍ମ ଓ ବିଚାର ବଦଳାଇବାର ମଧ ସ୍ୱାଧୀନତା ରହିଛି। ପ୍ରତିଟି ମନୁଷ୍ୟର ବିଚାରକୁ ଅଭିବ୍ୟକ୍ତ କରିବାର ସ୍ୱାଧୀନତା ରହିଛି। କୌଣସି ପ୍ରସଙ୍ଗରେ ନିଜର ବିଚାର ବ୍ୟକ୍ତ କରିବାର ଅଧିକାର ରହିଛି। ବ୍ୟକ୍ତିକୁ ଗଣମାଧ୍ୟମ ବା ଅନ୍ୟ ମାଧ୍ୟମରୁ ସୂଚନା ହାସଲ କରିବାର ଅଧିକାର ରହିଛି। ଏହାକୁ କେହି ରୋକିପାରିବେ ନାହିଁ।

ସରକାର ବାଛିବା ଓ ସାମାଜିକ ସୁରକ୍ଷାର ଅଧିକାର : ପ୍ରତି ବ୍ୟକ୍ତି ପାଖରେ ଶାନ୍ତିପୂର୍ଣ୍ଣ ଭାବରେ ସଂଗଠନ ଗଠନ କରିବା, ସଂସ୍ଥାର ସଦସ୍ୟ ହେବା ଏବଂ ସଭା କରିବାର ଅଧିକାର ରହିଛି। ଦେଶରେ ସରକାର ଗଠନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାର ଏବଂ ସରକାର ନିର୍ବାଚନ କରିବାର ଅଧିକାର ରହିଛି। ଏଥିସହ ଦେଶର ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ସମାନ ଅଧିକାର ରହିଛି। ପ୍ରତି ମଣିଷ ପାଖରେ ସମାଜର ଅଂଶ ହୋଇଥିବା କାରଣରୁ ସାମାଜିକ ସୁରକ୍ଷାର ଅଧିକାର ରହିଛି। ଏଥିସହ ବ୍ୟକ୍ତିତ୍ୱ ବିକାଶ ପାଇଁ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ମଧ ରହିଛି।

ନିଜ ପସନ୍ଦର ଚାକିରି ଏବଂ ବୃତ୍ତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିକର କାମ କରିବା, ନିଜ ପସନ୍ଦର କାମ ଖୋଜିବା, କର୍ମସ୍ଥଳରେ ଉନ୍ନତି ଏବଂ ବେରୋଜଗାରୀରୁ ରକ୍ଷା ପାଇବାର ଅଧିକାର ଅଛି। ଏହା ବ୍ୟତୀତ କୌଣସି ପ୍ରକାର ଭେଦଭାବ ବିନା ସମାନ କାମ ପାଇଁ ସମାନ ପାରିଶ୍ରମିକ ପାଇବାର ମଧ ଅଧିକାର ରହିଛି। ସେ ଟ୍ରେଡ଼ ୟୁନିୟନରେ ସାମିଲ ହୋଇପାରେ, ଟ୍ରେଡ ୟୁନିଅନ ଗଠନ କରିପାରେ। ନିର୍ଦ୍ଦିଷ୍ଟ କର୍ମ ନିର୍ଘଣ୍ଟ ଏବଂ ଛୁଟିରେ ଅଧିକାର ରହିଛି ପ୍ରତ୍ୟେକ କର୍ମଚାରୀଙ୍କ ପାଖରେ।

ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସଂସ୍କୃତିର ଅଧିକାର : ପ୍ରତ୍ୟେକ ବ୍ୟକ୍ତିର ଖାଦ୍ୟ, ପୋଷାକ, ଘର, ସ୍ୱାସ୍ଥ୍ୟ ସୁବିଧା ଏବଂ ଜରୁରୀ ସାମାଜିକ ସୁରକ୍ଷାର ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ଶିକ୍ଷା ଅଧିକାର ରହିଛି। ପ୍ରାଥମିକ ଶିକ୍ଷା ସମସ୍ତଙ୍କ ପାଇଁ ଜରୁରୀ ଏବଂ ଏହାକୁ ଦେୟମୁକ୍ତ କରାଯିବା ପାଇଁ ଅଧିକାର ରହିଛି। ପ୍ରତ୍ୟେକ ବ୍ୟକ୍ତିର ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବାର ଅଧିକାର ରହିଛି। ସେ କଳା କିମ୍ବା ବିଜ୍ଞାନ ଜରିଆରେ ହେଉଥିବା ବିକାଶ ଏବଂ ଲାଭକୁ ନିଜ ପାଇଁ ବ୍ୟବହାର କରିପାରିବ।

ସାମାଜିକ ଏବଂ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର : ପ୍ରତ୍ୟେକ ବ୍ୟକ୍ତି ପାଖରେ ଏପରି ସାମାଜିକ ଏକ ଅନ୍ତଃରାଷ୍ଟ୍ରୀୟ ବ୍ୟବସ୍ଥାର ଅଧିକାର ରହିଛି ଯାହାଦ୍ୱାରା ଜାତିସଂଘରେ ହୋଇଥିବା ଘୋଷଣାନାମା କାର୍ଯ୍ୟକାରୀ ହୋଇପାରିବ। ପ୍ରତ୍ୟେକ ମନୁଷ୍ୟ ନିଜ ଗୋଷ୍ଠୀ ପାଇଁ ଉତ୍ତରଦାୟୀ। ଏହାଦ୍ୱାରା ତାର ବ୍ୟକ୍ତିତ୍ୱର ବିକାଶ ହେବ ଯାହାକି ଗଣତାନ୍ତ୍ରିକ ସମାଜ ପାଇଁ ଖୁବ୍ ଜରୁରୀ। ଏହି ଘୋଷଣାନାମାରେ ସାମିଲ ହୋଇଥିବା କୌଣସି ପ୍ରସଙ୍ଗକୁ ଏମିତି ଭାବରେ ଉପସ୍ଥାପିତ କରାଯିବ ନାହିଁ, ଯାହାଦ୍ୱାରା ମନେହେବ କୌଣସି ରାଷ୍ଟ୍ର ବ୍ୟକ୍ତି ବା ଗୋଷ୍ଠୀ କୌଣସି ଏପରି କାର୍ଯ୍ୟରେ ସାମିଲ ହୋଇପାରିବ ଯାହା ଅନ୍ୟର ସ୍ୱାଧୀନତା ବା ଅଧିକାରକୁ ନଷ୍ଟ କରିବ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ*

# ଅନାଥର ନାଥ କାଳିଆ ସାଆନ୍ତ

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶେଷ୍ଠ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶେଷ୍ଠ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/୨ ରେ ଏହା ବର୍ଣିତ ଅଛି,

'କୌମାର ଆଚ୍‌ରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ ।
ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍।'

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ । ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ ।ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ ।କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଇଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ ।ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା ।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା ।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ । ଇଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର ।ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ,ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚ୍ଛି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚ୍ଛି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି ।

ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ ,ଜାପାନ ,ଇଂଲଣ୍ଡ ମଧ ସନାତନ ହିନ୍ଦୁ ଧର୍ମ କୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱ କୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୁର୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି

' ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ,
ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ ।
ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ,
ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ,
ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ
ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ ।
ବହୁମତ ବହୁପଥ ମିଳିତ ଏଠାରେ,
ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ ।
ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ,
ବିଧର୍ମୀ ଷଡ଼ଯନ୍ତ୍ର ର ରହିଛି ଦୃଷ୍ଟାନ୍ତ,
ସବୁ ଭୟ ପ୍ରଲୋଭନ କରି ପ୍ରତିହତ,
ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ ।
ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର,
ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁ ର ।
ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ ।
ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ ।
ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ ।
ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ ।
ଋକ,ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ ।
ଅନେକ ପରମ୍ପରା ଓ ଦର୍ଶନ ନୀତି,ନିୟମ ଆଦର୍ଶ ର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ ।'

ଇତିହାସରୁ ଜଣାଯାଏ ଯେ ଶ୍ରୀମନ୍ଦିର ଉପରେ ସମୁଦାୟ ଅଠରଥର ଆକ୍ରମଣ



ସତ୍ୟ ମହାପାତ୍ର

ହୋଇଥିଲା । ଏଥିମଧ୍ୟରୁ ପାଞ୍ଚଥର ଆକ୍ରମଣର ସବିଶେଷ ବିବରଣୀ ଗବେଷଣା ହୋଇ ଆଲୋଚନା ପରିସରକୁ ଆସିନାହିଁ । ତେରଥର ଆକ୍ରମଣ କାଳରେ ମହାପ୍ରଭୁ ଶ୍ରୀମନ୍ଦିର ରତ୍ନବେଦିରୁ ଯାଇ ଓଡ଼ିଶାର ବିଭିନ୍ନ ସ୍ଥାନକୁ ୨୧ ଥର ସ୍ଥାନାନ୍ତର ହୋଇଛି । ସେଥିମଧ୍ୟରୁ ଦୁଇଥର ଶ୍ରୀକ୍ଷେତ୍ର ଭିତରେ ଲୀଳା ହୋଇଥିବା ବେଳେ ଶ୍ରୀକ୍ଷେତ୍ର ବାହାରେ ଉଣେଇଶ ଥର ସ୍ଥାନାନ୍ତର ହୋଇ ଲୀଳା କରିଛନ୍ତି । ଚିଲିକାର ଗୁରୁବାଇଗଡ଼ ଓ ବାଣପୁର ତହସିଲର ନଈରୀଗ୍ରାମର ହରେଶ୍ୱର ମଣ୍ଡପକୁ ଦୁଇ ଦୁଇ ଥର ବିଜେ କରି ଲୀଳା କରିଥିଲେ । ମହାପ୍ରଭୁ ସମୁଦାୟ ଦୁଇଥର ପାତାଳୀ ଲୀଳା କରିଛନ୍ତି । ଥରେ ସୋନପୁରଠାରେ ଓ ୧୫୬୮ ମସିହାରେ କଳାପାହାଡ଼ ଆକ୍ରମଣରେ ଚିଲିକାର ହାତୀପଡ଼ାଠାରେ ମହାପ୍ରଭୁଙ୍କର ପାତାଳୀଲୀଳା ହୋଇଥିଲା । ଦୁଇଥର ମହାପ୍ରଭୁ ବ୍ରହ୍ମଲୀଳା କରିଛନ୍ତି । ଏହାଥିଲା ମହାପ୍ରଭୁଙ୍କର ଅଭିନବ ବ୍ରହ୍ମଲୀଳା । ନଷ୍ଟ ହେଇଯାଉ ଦାରୁ ବିଗ୍ରହ, କିନ୍ତୁ ବ୍ରହ୍ମ ସୁରକ୍ଷିତ ଥାଆନ୍ତୁ । ଏ ଜାତିର 'ବିଶ୍ୱାସ' ଟିକକ ହସ୍ତାନ୍ତର ହୋଇ ନଯାଉ କି ମନୋବଳ ଭାଙ୍ଗି ଚୁରମାର ହୋଇ ନଯାଉ । ସେହି ବିଶ୍ୱାସରେ ବ୍ରହ୍ମଲୀଳା ସମ୍ପନ୍ନ ହୋଇଥିଲା । ପ୍ରଥମ ବ୍ରହ୍ମଲୀଳା ବିଶର ମହାନ୍ତିଙ୍କଦ୍ୱାରା ହୋଇଥିଲା । ଦ୍ୱିତୀୟ ବାର ବ୍ରହ୍ମଲୀଳା ୧୬୨୨ ମସିହାରେ ମିର୍ଜା ଅହମ୍ମଦ ବେଗ ସମୟରେ ହୋଇଥିଲା । ଖୁବ ଗୋପନରେ ଗଜପତିଙ୍କ ପରାମର୍ଶରେ ସେବକମାନେ ଖୋର୍ଦ୍ଧାଜିଲାର ଗଡ଼ମାଣତ୍ରୀରେ ବ୍ରହ୍ମଲୀଳା କରେଇଥିଲେ । ୧୭୩୧ ମସିହାରେ ଶ୍ରୀମନ୍ଦିର ଉପରେ ତକି ଖାଁ ଦ୍ୱିତୀୟବାର ଆକ୍ରମଣ କରିଥିଲେ । ସେତିକିବେଳେ ମହାପ୍ରଭୁଙ୍କୁ ଭାର୍ଗବୀ ନଦୀର ଦୋବନ୍ଧା ପେଣ୍ଟରୁ ବଡ଼ ପରୀକ୍ଷା ପରମାନନ୍ଦ କୁଅଁର ମହାପାତ୍ର ଓ ସାନ ପରୀକ୍ଷା ବିଷ୍ଣୁ ପଶ୍ଚିମ କବାଟ ଚିଲିକା ବାଟଦେଇ ନଈରୀ ଗ୍ରାମର ମଣ୍ଡପରେ ଗୋପନରେ ବିଜେ କରାଇଥିଲେ । ଶ୍ରୀମନ୍ଦିର ଉପରେ ପ୍ରଥମେ ୬୭୦ ମସିହାରେ ଆକ୍ରମଣ ହୋଇଥିଲା । ଏହା ୧୭୩୩ ମସିହା ପର୍ଯ୍ୟନ୍ତ ଚାଲିଥିଲା । ଏହି ସମୟ ମଧ୍ୟରେ ହାରାହାରି ୨୫୦ ବର୍ଷରୁ ଅଧିକ ସମୟ ମହାପ୍ରଭୁ ଶ୍ରୀକ୍ଷେତ୍ର ବାହାରେ ଲୀଳା କରିଥିଲେ । ତାଙ୍କର ଲୀଳାରେ ଶ୍ରୀକ୍ଷେତ୍ର ବାହାରେ ନଈରୀଠାରେ ଗୋଟିଏ ଥର ରଥଯାତ୍ରା ହୋଇଥିଲା ।

ଶାସ୍ତ୍ର ବେଦ ଉପନିଷେଦ କହେ ସନାତନ ହିନ୍ଦୁ ଧର୍ମ ସର୍ବଶ୍ରେଷ୍ଠ ଓ ସର୍ବପୁରାତନ ଏଥିରେ ହିଂସାର କୌଣସି ସ୍ଥାନ ନଥାଏ । ଅନାଥର ନାଥ କାଳିଆ ସାଆନ୍ତ,ଦୀନବନ୍ଧୁ, ଭାବଗ୍ରାହୀ, ଭକ୍ତବତ୍ସଳ ଜଗନ୍ନାଥଙ୍କ ବାଖ୍ୟା କରିବାକୁ କିଏ ବା ସମର୍ଥ ହେବ

ସେ ଅନନ୍ତ,ଅସୀମ, ଚିରସତ୍ୟ ତାଙ୍କର ଆଦି ନାହିଁ କି ଅନ୍ତ ନାହିଁ , ସେ ନଶ୍ୱର,ନିରାକାର,ପରମବ୍ରହ୍ମ, ପୁରୁଷୋତ୍ତମ । ମହାପ୍ରଭୁ କାଳିଆ ସାଆନ୍ତ ବିଶ୍ୱର ସବୁଠାରୁ ରହସ୍ୟମୟ ଠାକୁର । ଜଗନ୍ନାଥ ମନ୍ଦିରର ଇତିହାସ ଏବଂ ତାର ରହସ୍ୟ ବୁଝିବା ଆମ ପରି ରକ୍ତ ମାଂସ ଧାରୀ ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ ।

ଅନେକ ବିଦ୍ୱାନ ପଣ୍ଡିତ, ଶାସ୍ତ୍ର ବିଶାରଦ,ଜ୍ଞାନୀ ଗୁଣୀ , ଜଗନ୍ନାଥ ସଂସ୍କୃତି ଇତିହାସ ସମ୍ପୂର୍ଣ ଭାବେ ବୁଝିବାରେ ଜାଣିବାରେ ସମର୍ଥନ ହୋଇପାରି ନାହାନ୍ତି। ଏବେବି ଏହା ରହସ୍ୟମୟ ହୋଇରହିଛି। ଜଗନ୍ନାଥ ଉପାସନା କେବେ କେଉଁଠାରୁ ହେଲା ଓ ଜଗନ୍ନାଥଙ୍କ ନାମକରଣ କେବେ କାହିଁକି ହେଲା ସେ ବିଷୟ ଏବେବି ନିର୍ବିବାଦରେ ନିର୍ଣ୍ଣିତ ହୋଇପାରିନାହିଁ । ଜଗନ୍ନାଥଙ୍କ ସଂସ୍କୃତି ସହିତ ବହୁ ଧର୍ମ ଜଡିତ ହୋଇରହିଛି । ଯୁଗ ଯୁଗ ଧରି ଜଗନ୍ନାଥ ରହସ୍ୟମୟ ଦେବତା ହୋଇ ରହିଆସିଛନ୍ତି । ଅନାଥର ନାଥ ଜଗତର ନାଥ ଜଗନ୍ନାଥ ଏକ ଚେତନାର ଚିନ୍ତାଧାରାର ସଂସ୍କୃତିର ସଂକେତ । ଜଗନ୍ନାଥ ସଂସ୍କୃତି ପରମ୍ପରା ବସୁଦେବ କୁଟୁମ୍ବକମର ଚିନ୍ତାଧାରା ଉପରେ ପ୍ରଯ୍ୟବେଷିତ ।ସମଗ୍ର ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିବା ଏହାର ମୂଳମନ୍ତ୍ର । ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର ବିଶ୍ୱପ୍ରେମ,ଶାନ୍ତି,ଅହିଂସା,ପ୍ରେମ ମୁକ୍ତି,ଆନନ୍ଦ, ସତ୍ୟ,ଦୟା, କ୍ଷମା ଓ ଅନନ୍ତ ବ୍ୟାପିର ପ୍ରତୀକ ।

ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଅସୀମ ବିଶ୍ୱବ୍ରହ୍ମାଣ୍ଡର ଜୀବନ୍ତ ଦେବତା ।ସେ ପରବ୍ରହ୍ମ, ପୁରୁଷୋତ୍ତମ ସର୍ବବ୍ୟାପି, ସାର୍ବଭୌମ୍ୟ, ନିରାକାର । ତାଙ୍କର ଆରମ୍ଭ ନାହିଁ କି ଅନ୍ତ ନାହିଁ । ସେ ଅନାଦି ସେ ଅଶେଷ ।ପୁଣି ତାଙ୍କର ଯେଉଁ ଦୁଇଟି ବାହୁର କଳ୍ପନା କରାଯାଇଛି ତାହା ସମାନ୍ତରାଳ। ଦୁଇ ସମାନ୍ତରାୟ ସରଳ ଲେଖାରେ ମିଳନ ଏକ ଅନନ୍ତ ବିନ୍ଦୁରେ ।

ଜଗନ୍ନାଥଙ୍କ ପରମ ଓ ଚରମ ସତ୍ତ୍ୱ ସେହି ସେହି ଅନନ୍ତ ବିନ୍ଦୁରେ ହିଁ ଉପଲବ୍ଧି କରିହୁଏ। ସେ ଅରୂପ ପୁଣି ସ୍ୱରୂପ । ସେ ନିର୍ଗୁଣ ପୁଣି ସଗୁଣ ।

ବହୁ ରୂପରେ ତାଙ୍କର ପରିକଳ୍ପନା । ବିଶ୍ୱର ତେତିଶି କୋଟି ଦେବାଦେବୀଙ୍କ ମଧ୍ୟରେ ଜଗନ୍ନାଥଙ୍କର ନୀତିକାନ୍ତି ସ୍ୱତନ୍ତ୍ର ଏବଂ ସର୍ବଶ୍ରେଷ୍ଠ ।ଆଉ କୌଣସି ଦେବତାଙ୍କର ଏପରି ମାନବୀୟ ଲୀଳା ଦେଖିବାକୁ ଏ ବିଶ୍ୱ ବ୍ରହ୍ମାଣ୍ଡରେ ମିଳିନଥାଏ । ବୈଷ୍ଣବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବିଷ୍ଣୁ ରୂପରେ । ବୌଦ୍ଧ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବୁଦ୍ଧ ରୂପରେ। ଶୈବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ଶିବ ରୂପରେ । ଗାଣପତ୍ୟ ଭକ୍ତ ମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଗଣପତି ରୂପରେ । ତେଣୁ ମହାପ୍ରଭୁ ଜଗନ୍ନାଥ ନିର୍ଦ୍ଦିଷ୍ଟ ସୀମା ବା ରୂପରେ ଆବଦ୍ଧ ନୁହନ୍ତି । ଗୋଟିଏ ବଳୟ ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ମହାପ୍ରଭୁ କାଳିଆ ସାଆନ୍ତଙ୍କର ସ୍ଥିତି କଳ୍ପନା କରିବା ଅସମ୍ଭବ । ଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର, ଜଗନ୍ନାଥଙ୍କର ଦେଉଳ ହେଉଛି ବଡ଼ ଦେଉଳ, ଜଗନ୍ନାଥଙ୍କ ଦାଣ୍ଡ ହେଉଛି ବଡ଼ ଦାଣ୍ଡ,ପଣ୍ଡା ହେଉଛି ବଡ଼ ପଣ୍ଡା, ତାଙ୍କର ଦୀପ ହେଉଛି ମହାଦୀପ, ତାଙ୍କର ଉଦଧି ହେଉଛି ମହା ଉଦଧି (ମହୋଦଧି ), ତାଙ୍କର ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ, ତାଙ୍କର ପ୍ରସାଦ ହେଉଛି ମହା ପ୍ରସାଦ । ତେଣୁ ଜଗନ୍ନାଥଙ୍କ ଚେତନା ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ ଅହମିକା, ନାହିଁ ଅହଂକାର, ନାହିଁ ଉଚ୍ଚନୀଚ୍ଚ, ବଡ଼ସାନର ଭେଦଭାବ ।

ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନଙ୍କ ନାମ ଭିତରେ ରହିଛି ସୁସୁନ୍ଦର,ଶିବ ବା ଶୁଭର ସୂଚନା ।ନୀଳଚକ୍ର ଚିରନ୍ତନ ସତ୍ୟ ଓ ନ୍ୟାୟର ପ୍ରତୀକ ।କାଳିଆ ସାଆନ୍ତଙ୍କ ସିଂହଦୁଆରରୁ କୌଣସି ଭକ୍ତ ଖାଲି ହାତରେ ଫେରିନି । ମହାପ୍ରଭୁ ପାଖରେ ଧନୀ, ଗରିବ ସମସ୍ତେ ସମାନ । ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଦରଦୀ ଠାକୁର, ଦୀନବନ୍ଧୁ, ଅନାଥର ନାଥ, ଜଗତର ନାଥ ବଡ଼ ଠାକୁର ଜଗନ୍ନାଥ ।

ମହାପ୍ରଭୁ କାଳିଆ ସାଆନ୍ତଙ୍କ ଦିବ୍ୟ ଲୀଳାକୁ ଆମ ପରି ସାଧାରଣ ରକ୍ତ ମାଂସ ଧାରୀ ମନୁଷ୍ୟ ବୁଝିବା ଅସମ୍ଭବ । ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରାର ଯେଉଁ ଇଶ୍ୱରୀୟ ବାର୍ତ୍ତା ରହିଛି ତାହା ଆମ ମାନବ ସମାଜ ପାଇଁ ଅତୀବ ଉପାଦେୟ । ମହାପ୍ରଭୁ କାଳିଆ ସାଆନ୍ତଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚ୍ଚର ଭେଦଭାବ ନଥାଏ ।ଏ ବିଶ୍ୱବ୍ରହ୍ମାଣ୍ଡର ମାଲିକ ଜଗନ୍ନାଥ ।ସମସ୍ତଙ୍କ ଦୁଃଖ ବୁଝନ୍ତି ସେ ।

ଏ ବିଶ୍ୱବ୍ରହ୍ମାଣ୍ଡରେ କେହିବି ଅନାଥ,ନିରାଶୟ, ନହୁଅନ୍ତୁ ଏହି ଆଶ୍ୱାସନା ମିଳେ ଜଗନ୍ନାଥଙ୍କ ନାମ ଭିତରେ । ଜାତିବର୍ଣ,ଧର୍ମ ନିର୍ବିଶେଷରେ ମହାପ୍ରଭୁ ଚକାଡୋଳା ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥ ଦର୍ଶନ ଦିଅନ୍ତି ରଥଯାତ୍ରାରେ । ସେହ୍ନ, ପ୍ରେମ, ଭାତୃତ୍ୱ, ବଳିଦାନ, ଭଲପାଇବା, ମାନବିକତା,ତ୍ୟାଗର ବାର୍ତ୍ତା ମିଳେ ରଥଯାତ୍ରାରେ । ଯେଉଁଠି ସ୍ୱାର୍ଥପର ଅହଂକାରୀ ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ପାଇଁ ନିଜର ଜନ୍ମଦାତା ପିତା,ଜନ୍ମଦାତ୍ରୀ ମାତା,ବନ୍ଧୁ, ପରିଜନଙ୍କୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ, ସେଠି ମହାପ୍ରଭୁ ଜଗନ୍ନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିପାରିଲେ ମାନବ ସମାଜ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ ।

*ଗୋପାଳପୁର,, ବାଲେଶ୍ୱର,, ମୋବାଇଲ- ୭୦୨୦୬୧୧୩୦୦*




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫର ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରୋଟର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେୱାନିଙ୍କ ଟ୍ୱିଟ୍‌ଟି କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ଇତ୍ୟାଦିରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମ' ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃତ୍ତି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

# ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ ।ସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୂମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରେନ୍‌ରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧ୍ୟାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'ୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରେନ୍‌ରେ ବ୍ୟବସ୍ଥା ନଥିବା ବେଳେ ଏ ଅ ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧ୍ୟାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛନ୍ତି । ତେଣୁ ଏହା ମଧ୍ୟ ଅନୁଧ୍ୟାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଲାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛନ୍ତି । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛନ୍ତି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲିପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଉର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବତ୍ସ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଓଡିଶାରେ ବିଲାଇଭର ୫ମ ମଲ୍ଟି ବ୍ରାଣ୍ଡ ଷ୍ଟୋର

ଭୁବନେଶ୍ୱର,(ପି.ଏନ): ସାରା ଦେଶରେ ଏହାର ସମ୍ପ୍ରସାରଣ ପ୍ରୟାସ ଜାରି ରଖିଥିବା ବିଲାଇଭ ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ମଲ୍ଟି ବ୍ରାଣ୍ଡ ଇଲେକ୍ଟ୍ରିକ୍ ଯାନ ପ୍ଲାଟଫର୍ମ,ଏହାରପଞ୍ଚମ ମଲ୍ଟି ବ୍ରାଣ୍ଡ ଷ୍ଟୋର ଓଡିଶାର ବ୍ରହ୍ମପୁରରେ ଖୋଲିଛି । ବିଲାଇଭର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତୀକ ଦାଶଙ୍କ ସହ ଶ୍ରୀ ସ'ୋଷ କୁମାର ଅଗ୍ରୱାଲ, ଆଶିଷ ଅଗ୍ରୱାଲ ଏବଂ ଷ୍ଟୋର କର୍ମଚାରୀଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ । ବୈଦୁତିକ ଗତିଶୀଳତା ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧିରେ ବିଶ୍ୱ ସଚେତନତା ହେତୁ ଗ୍ରାହକଙ୍କ ଚାହିଦାର ବୃଦ୍ଧିକୁ ନଜରରେ ରଖି ଏହି ଭାରତର ୨୬ ତମ ଇଭି ଷ୍ଟୋରକୁ ଓଡିଶାର ବ୍ରହ୍ମପୁରରେ ଖୋଲାଯାଇଛି । ବିଲାଇଭ ଷ୍ଟୋର ଏକାଧିକ ଇଭି ବ୍ରାଣ୍ଡ, ବିଶେଷଜ୍ଞ ସମର୍ଥନ, ସହଜ ଅର୍ଥ ଏବଂ ରୋମାଞ୍ଚକର ଅଫରରୁ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଯାନ ପ୍ରଦାନ କରେ । ବିଭିନ୍ନ ବୈଦ୍ୟୁତିକ ସ୍କୁଟର, ଚକ, ମୋଟରସାଇକେଲ ଏବଂ ବିତରଣ ଯାନ ପାଇଁ କ୍ରେତାମାନେ ଇଏମଆଇରେ ମାସକୁ ୨,୦୦୦ ରୁ କମ୍ ଚୟନ କରିପାରିବେ । ୨୦ ରୁ ଅଧିକ ଫ୍ରାଞ୍ଚାଇଜ୍ ମାଲିକାନା ଷ୍ଟୋରଗୁଡିକର ଏକ ନେଟୱାର୍କ ସହିତ,ବିଲାଇଭ ୨୫୦୦ ରୁ ଅଧିକ ପରିବାର ଏବଂ ବ୍ୟବସାୟକୁ ବୈଦୁତିକ ଯାନ ମାଧ୍ୟମରେ ସାହାଯ୍ୟ କରିଛି । ଷ୍ଟୋରରେ କିନେଟିକ୍ ଗ୍ରୀନ୍, ହିରୋ ଲେକ୍ଟ୍ରୋ, ଡିଟେଲ, ବ୍ୟାଟ୍‌ରେ, ଜେମୋପାଇ, ଟେଟୋ ଇଲେକ୍ଟ୍ରା, ଇ-ମୋଟୋରଡ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯାନ ପ୍ରଦର୍ଶିତ ହୋଇଛି । ଗ୍ରାହକମାନେ ଷ୍ଟାଇଲିସ୍ ଲୁକ୍ ସହିତ ବହୁ ପ୍ରତୀକ୍ଷିତ ହାଇ ସ୍ପିଡ୍ ଇଭିଗୁଡିକ ମଧ୍ୟରୁ ଗୋଟିଏ ଅନୁଭବ କରିପାରନ୍ତି - ବିଲାଇଭର ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ବ୍ୟାଟ୍: ପୁନ ଷ୍ଟୋରୀ । ଏହି ସ୍ମାର୍ଟ ଏବଂ ଅଭିନବ ଇ-ବାଇକ୍ ବ୍ୟାଟ୍‌ରେ ଏହାର ରେ ପ୍ରଥମ ଅଟୋ ।ସିଇଓ ତଥା ସହ-ପ୍ରତିଷ୍ଠାତା ସମର ଖୋଲକର କହିଛନ୍ତି ଯେ 'ଓଡିଶାରେ ଭଳି ରାଜ୍ୟରେ ଏକ ନୂତନ ମଲ୍ଟି ବ୍ରାଣ୍ଡ ଅଭିଜ୍ଞତା ଷ୍ଟୋର ସହିତ ଆମର ଉପସ୍ଥିତି ବଢାଇବାକୁ ଆମେ ଉତ୍ସାହିତ । ସତ କହିବାକୁ ଗଲେ, ଆମେ ଓଡିଶାରେ ଏହି ପ୍ରକାରର ଜବରଦସ୍ତ ପ୍ରତିକ୍ରିୟା ପାଇବାକୁ ଆଶା କରିନାହୁଁ; ଆମେ ପ୍ରକୃତରେବ୍ରହ୍ମପୁରର ନୂତନ ଷ୍ଟୋର ଲୋକମାନଙ୍କୁ ଇଲେକ୍ଟ୍ରିକ୍ ଗତିଶୀଳତାପାଇଁ ଇଭିଏସ୍ ଷ୍ଟୋର ହୋମ ଡେମୋକୁ ମଧ୍ୟ ସୁଗମ କରିବ ଏବଂ ଗ୍ରାହକଙ୍କୁ ରୋମାଞ୍ଚକର ଅଫର ଏବଂ ସହଜ ଫାଇନାନ୍ସ ବିକଳ୍ପ ବିଷୟରେ ସୂଚନା ପ୍ରଦାନ କରିବ । 'ଜଳବାୟୁ ପରିବର୍ତ୍ତନ ଚି'ାଧାରାକୁ ନେଇ ବିଶ୍ୱସ୍ତରୀୟ ସଚେତନତା ସହିତ ବୈଦ୍ୟୁତିକ ଗତିଶୀଳତା ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଦ୍ୱାରା ରାଜ୍ୟ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଏହାର ଇଭି ନୀତି ପ୍ରକାଶ କରିଛନ୍ତି ଯାହା ଉଭୟ ବ୍ୟକ୍ତିଗତ ଗତିଶୀଳତା ଏବଂ ସାଧାରଣ ପରିବହନ ବିଭାଗରେ ବୈଦ୍ୟୁତିକ ଯାନ ଗ୍ରହଣକୁ ସମର୍ଥନ କରିବ । ଇଭି ନୀତି ମଧ୍ୟ ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଇ ଇଲେକ୍ଟ୍ରିକ୍ ଭେଇକିଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ବ୍ୟାଟେରୀ ସ୍ୱାପିଂ ଷ୍ଟେସନର ଏକନେଟୱାର୍କ ସୃଷ୍ଟି କରିବାକୁ ସକ୍ଷମ କରିବାକୁ ଚେଷ୍ଟା କରେ ।ଚଳିତ ବର୍ଷ ଫେବୃଆରୀରେ ଘୋଷିତ ହୋଇଥିବା ଇଭି ନୀତି ଅନୁଯାୟୀ ମିଶନ ଶକ୍ତି, ବ୍ୟକ୍ତିବିଶେଷ ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି । ବ୍ରହ୍ମପୁରରରେ ଥିବା ବିଲାଇଭ ଷ୍ଟୋରର ଆଶିଷ ଅଗ୍ରୱାଲ ଏହି ଉନ୍ମୋଚନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, 'ଆମେ ବିଲାଇଭ ସହ ସହଭାଗୀ ହୋଇ ଗର୍ବିତ ଏବଂ ଓଡିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଉତ୍ସାହିତ କରିବା ଦିଗରେ ଆମର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛୁ । ଇଭିଏସ୍ ଶୀଘ୍ର ଜନତାଙ୍କ ମଧ୍ୟରେ ଆକର୍ଷିତ ହେବାରେ ଲାଗିଛି, ସେମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିର୍ଭରଯୋଗ୍ୟତା ଉପରେ ସାମାନ୍ୟ ଆଶଙ୍କା ଅଛି । ଆମେ ଲୋକମାନଙ୍କୁ ଅନୁରୋଧ କରୁଛୁ ଯେ ଆମର ବୈଦ୍ୟୁତିକ ଯାନଗୁଡିକର ପରିସର ଅନୁସନ୍ଧାନ କରିବାକୁ ଏବଂ ଇଲେକ୍ଟ୍ରିକ୍ ଗତିଶୀଳତା କାହିଁକି ଘଣ୍ଟାର ଆବଶ୍ୟକତା ଅଟେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ମଧୁମେହ ଲାଗି ସଂଯମ ଜୀବନଶୈଳୀ


ଡାକ୍ତର ଗୁରୁପଦ ମିଶ୍ର

ମଣିଷ ଆନନ୍ଦ ଖୋଜୁଛି । ଏଥିଲାଗି ଯାବତୀୟ ଭୋଗବିଳାସକୁ ଆପଣାଉଛି । ଆଧୁନିକ ଜୀବନଶୈଳୀ, ଉପଭୋଗର ଲାଳସା ଭିତରେ ସେ ସୁଖର ସନ୍ଧାନ କଲାବେଳେ ତାକୁ ମାଡ଼ି ବସୁଛି ଯାବତୀୟ ରୋଗ । ପୁରୁଣାକାଳିଆ ଲୋକେ କହନ୍ତି ଆଗେ କୁଆଡ଼େ ଏତେ ରୋଗ ନଥିଲା । ଏହାର ଦୁଇଟି ଅର୍ଥ ହୋଇପାରେ - ପ୍ରଥମତଃ ପ୍ରଦୂଷିତ ଜଳବାୟୁ, ପରିବେଶ, ବାତାବରଣ, ଖାଦ୍ୟପେୟ ଯୋଗୁଁ ନୂଆ ନୂଆ ରୋଗ ମଣିଷକୁ ଆକ୍ରମଣ କରୁଛି । ଦ୍ୱିତୀୟରେ ବିଜ୍ଞାନର ପ୍ରଗତିଦ୍ୱାରା ଆଗରୁ ଥିବା ରୋଗକୁ ମଣିଷ ଏବେ ଚିହ୍ନି ପାରୁଛି । ତେବେ ସେ ଯାହାକି ହେଉ ଏକଥା ନିରାଟ ସତ୍ୟ ମଣିଷ ଦିନକୁ ଦିନ ଅଧିକରୁ ଅଧିକ ପ୍ରକାର ରୋଗର ଶିକାର ହେଉଛି । ଦିନଥିଲା ଟିବି ବା ଯକ୍ଷ୍ମାକୁ ଲୋକେ ବଡ଼ରୋଗ ବୋଲି କହୁଥିଲେ । ଏଭଳି ରୋଗର ଶିକାର ଲୋକଙ୍କୁ ସମାଜରେ ଅନେକ ମାନସିକ ନିର୍ଯାତନାର ଶିକାର ହେବାକୁ ପଡୁଥିଲା । ଏବେ କିନ୍ତୁ ସମୟ ବଦଳିଯାଇଛି । ବଡ଼ ବଡ଼ ରୋଗ ଏତେ ସଂଖ୍ୟାରେ ବଢ଼ିଯାଇଛି ଓ ଲୋକଙ୍କୁ ଆକ୍ରମଣ କରୁଛି ଯେ ଲୋକେ ସାମାଜିକ ବାସନ୍ଦ କଥା ଭୁଲିଗଲେଣି । କ୍ୟାନ୍‌ସର, ଏଡ୍‌ସ, ମାରାତ୍ମକ ହେଉଥିବାବେଳେ ଡାଇବେଟିସ, ଉଚ୍ଚରକ୍ତଚାପ ପରି ଘରେ ଘରେ ବ୍ୟାପିଗଲାଣି । ଏଭଳିସ୍ଥିତିରେ କେବଳ ସଂଯମ ଆଚରଣ ହିଁ ଏକମାତ୍ର ନିଦାନଭାବେ ଉଭା ହୋଇଛି । ଗତକାଲି ପାଳିତ ହେଲା ବିଶ୍ୱ ମଧୁମେହ ଦିବସ । ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ ସମଗ୍ର ବିଶ୍ୱରେ ମଧୁମେହ ଦିବସ ଭାବେ ପାଳନ କରାଯାଏ । ଏହି ଦିବସ ୧୯୯୧ ମସିହାରୁ ପାଳିତ ହୋଇ ଆସୁଛି । ଏହି ଦିବସ ପାଳନ କରିବାର ମୁଖ୍ୟ ଲକ୍ଷ୍ୟ ହେଲା ମଧୁମେହ ରୋଗ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଚଳିତବର୍ଷ ବିଶ୍ୱ ମଧୁମେହ ଦିବସର ବାର୍ତ୍ତା ଥିଲା ହେଉଛି ମଧୁମେହ ବିଷୟରେ ଜାଣିବା ଏବଂ ପ୍ରତିରୋଧ କରିବା । ମଧୁମେହ ରୋଗ କିଛି ବର୍ଷ ତଳେ ବେଶ୍ ଅଜଣା ଅଶୁଣା ଥିଲା । ଆଜିକାଲି କିନ୍ତୁ ଏହା କାୟାବିସ୍ତାର କରିଚାଲିଛି । ବିଶ୍ୱରେ ମଧୁମେହ ଆକ୍ରାନ୍ତଙ୍କ ସଂଖ୍ୟା ୪୧୫ ନିୟୁତରେ ପହଞ୍ଚିଥିବାବେଳେ ୨୦୪୦ ସୁଦ୍ଧା ଏହା ୬୪୦ ନିୟୁତରେ ପହଞ୍ଚିବ ବୋଲି ଆକଳନ କରାଗଲାଣି, ଅର୍ଥାତ୍ ପ୍ରତି ୧୦ଜଣରେ ଜଣେ ମଧୁମେହରେ ଆକ୍ରାନ୍ତ ହେବାର ଆଶଙ୍କା ଦେଖାଦେଲାଣି । ଏମାନଙ୍କ ଭିତରେ ୩୧୬ ନିୟୁତ ଲୋକ ଭୟଙ୍କର ବା ଟାଇପ-୨ ମଧୁମେହରେ ଆକ୍ରାନ୍ତ । ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ୬୭ ନିୟୁତରେ ପହଞ୍ଚିଥିବାବେଳେ ପ୍ରାୟ ୬୦ ନିୟୁତ ଏବେ ପ୍ରାଥମିକ ପର୍ଯ୍ୟାୟରେ ଅଛନ୍ତି । ୨୦୨୦ ସୁଦ୍ଧା ବିଶ୍ୱର ସର୍ବାଧିକ ମଧୁମେହ ରୋଗୀ ଭାରତରେ ଥିବେ ବୋଲି କୁହାଗଲାଣି । ମଧୁମେହ କେବଳ ବ୍ଲଡ଼ ସୁଗାର ଭିତରେ ସୀମିତ ନୁହେଁ ଏଥିଯୋଗୁଁ ଶରୀରର ପ୍ରାୟ ସବୁ ଅଙ୍ଗପ୍ରତ୍ୟଙ୍ଗ ପ୍ରଭାବିତ ହେଉଛି । ହୃଦ୍‌ରୋଗ, କିଡ଼ନୀ, ଚକ୍ଷୁ, ପାଦ ଆଦି ପ୍ରଭାବିତ ହେଉଛି । ଓଡ଼ିଶାରେ ପ୍ରାୟ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଏହି ରୋଗରେ ଆକ୍ରାନ୍ତ । ରାଜ୍ୟର ଗ୍ରାମାଞ୍ଚଳରେ ୬ରୁ ୭ ପ୍ରତିଶତ ଓ ସହରାଞ୍ଚଳରେ ୯ରୁ ୧୨ ପ୍ରତିଶତ ଏଥିରେ ଆକ୍ରାନ୍ତ । ସରକାର ଏବେ ମଧୁମେହର ଚିକିତ୍ସା ଲାଗି ବିଶେଷ ବ୍ୟବସ୍ଥା କରୁଛନ୍ତି । ରାଜ୍ୟର ଅନେକ ଜିଲ୍ଲାରେ ନ୍ୟାସନାଲ ପ୍ରୋଗ୍ରାମ ଫର ପ୍ରିଭେନସନ ଆଣ୍ଡ କଣ୍ଟ୍ରୋଲ ଅଫ୍ କ୍ୟାନସର ଡାଇବେଟିସ, ସିଭିଡି ଏବଂ ଷ୍ଟ୍ରୋକ୍ କାର୍ଯ୍ୟକ୍ରମ ଜରିଆରେ ଚିକିତ୍ସା ସେବା ମାଗଣାରେ ଯୋଗାଇବାର ବ୍ୟବସ୍ଥା ହୋଇଛି । ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୨.୩୪ ଲକ୍ଷ ମଧୁମେହ ରୋଗୀ ଠାବ କରାଯାଇ ଚିକିତ୍ସା ପାଇଁ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଛି । ସେମାନଙ୍କ ଭିତରୁ ଇତିମଧ୍ୟରେ ୨.୮୬ ଲକ୍ଷ ଡାଇବେଟିସରେ ଆକ୍ରାନ୍ତ ବୋଲି ଜଣାପଡ଼ିବା ପରେ ସେମାନଙ୍କୁ ନିୟମିତ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଉଛି ।

ଆଜିକାଲି ଫାଷ୍ଟ ଫୁଡ, ଜଙ୍କଫୁଡ, ଶ୍ୱେତସାର ତଥା ତୈଳଯୁକ୍ତ ଖାଦ୍ୟ ଯୋଗୁଁ ମଧୁମେହ ବ୍ୟାପୁଛି । ଏକଦା ଧାରଣା ଥିଲା ଏ ରୋଗ କେବଳ ବୟସ୍କ ଲୋକଙ୍କୁ ହୁଏ । ଆଧୁନିକ ଜୀବନଶୈଳୀରେ ଏ ଧାରା ବଦଳିଯିବା ସହିତ ଛୋଟଠୁ ବଡ଼ ସମସ୍ତେ ଏଥିରେ ଆକ୍ରାନ୍ତ ହେଉଛନ୍ତି । ଏମିତିକି ଦୁର୍ଗମ ଗ୍ରାମାଞ୍ଚଳରେ ଏହି ରୋଗ ବ୍ୟାପୁଥିବାରୁ ଲୋକେ ନାନାଦି ସମସ୍ୟାର ଶିକାର ହେଉଛନ୍ତି । ସ୍ୱାସ୍ଥ୍ୟ ସେବା ସୁବିଧା ନଥିବାରୁ ରୋଗ ନିରୂପଣରେ ବିଳମ୍ବ କାରଣରୁ ରୋଗୀ ଭୟାନକ ରୋଗରେ ପ୍ରାଣ ହରାଉଛନ୍ତି । ମଧୁମେହର ପ୍ରାଥମିକ ପର୍ଯ୍ୟାୟରେ ଲୋକେ ତାଙ୍କର ରକ୍ତ ଶର୍କରା ସ୍ତରକୁ ଯଥାସମ୍ଭବ ସାଧାରଣ ସ୍ତର ମଧ୍ୟରେ ସୀମିତ ରଖିବା ପାଇଁ ପ୍ରୟାସ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିଲାଗି ନିୟମିତ ପରୀକ୍ଷା କରିବା ଦରକାର ଯାହାକି ଗ୍ରାମାଞ୍ଚଳ ଲୋକମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିବିଶେଷ ପାଦ, ଚକ୍ଷୁ, ଦାନ୍ତ ଓ ଦାନ୍ତମାଢ଼ିର ସମସ୍ୟାକୁ ଅଣଦେଖା କରିବା ଉଚିତ ନୁହେଁ । ଏକ ସୁସ୍ଥ, ନିୟନ୍ତ୍ରିତ, ସଂଯମଶୀଳ ଜୀବନଚର୍ଯ୍ୟା ହିଁ ମଧୁମେହ କବଳରୁ ମୁକ୍ତ କରିପାରିବ । ମଧୁମେହ ଲାଗି ବ୍ୟାୟାମ ଏକ ଅତ୍ୟାବଶ୍ୟକ କାର୍ଯ୍ୟ ଯାହାକି ମଧୁମେହକୁ ନିୟନ୍ତ୍ରଣସ୍ତରକୁ ଆଣିଥାଏ । ଆପଣ ଭଲ ପାଉଥିବା ବା ଆନନ୍ଦ ନେଉଥିବା ଯେ କୌଣସି କାର୍ଯ୍ୟ ଚେଷ୍ଟାକରି କରନ୍ତୁ । ଖେଳିବା, ନାଚିବା, ଯୋଗ, ଚାଲିବା ଏବଂ ପହଁରିବା ହେଉଛି ତନ୍ମଧ୍ୟରୁ କେତୋଟି ଯାହାକି ଆପଣଙ୍କର ହୃଦ୍‌ସ୍ପନ୍ଦନ ହାର ବୃଦ୍ଧି କରିବାରେ ସାହାଯ୍ୟ ହୋଇଥାଏ । ବୃଦ୍ଧବ୍ୟକ୍ତି ଯେଉଁମାନଙ୍କର ଦୀର୍ଘଦିନରୁ ଡାଇବେଟିସ୍ ରହିଛି, ସେମାନେ ମାଂସପେଶୀକୁ ଶକ୍ତିଶାଳୀ ରଖିବା ପାଇଁ ସକ୍ରିୟ ରହନ୍ତୁ, ଗତିଶୀଳତା ବଜାୟ ରଖନ୍ତୁ ଏବଂ ଇନ୍‌ସୁଲିନ୍ ସମ୍ବେଦନଶୀଳତା ରକ୍ଷା କରନ୍ତୁ । ଶାରୀରିକ ବ୍ୟାୟାମ ସାଙ୍ଗକୁ ନିୟନ୍ତ୍ରିତ ଆହାର ସାହାଯ୍ୟରେ ଜଣେ ରକ୍ତ ଶର୍କରା ଉପରେ ନିୟନ୍ତ୍ରଣ ଜାରି କରିପାରିବ ।

*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*



2024-2025
ADMISSION OPEN
Maharishi Public School, Baripada
STD-NURSERY TO VIII
ENROLL YOUR CHILD TODAY
Special discount for new admission before 15.03.2024
Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା

### ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍‌ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନୱର, ସେକ୍ ସିକ୍ରୁ, ଗେଜ ମୁଣ୍ଡା, ମୁ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।

# କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମଲଦ୍ୱା,ଫୁଲଝର,କୁମୁଣ୍ଡି,ଶୁଆକାଟୀ,ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭି ିହୀନ ଅଭିଯୋଗ କରି କାରଖାନା କ ୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉ େଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ, ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

# ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ, ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ, ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ, ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାଉନସିଲର ମାୟାଧର ଗୁରୁ, ପବିତ୍ର ସାହୁ, ଗଣେଶ୍ୱର ନାୟକ, ସୁଶାନ୍ତ ନାୟକ, ସନ୍ତୋଷ ରାଉଳ, ନିରଂଜନ ଗୁରୁ, ମଳୟ ତ୍ରିପାଠୀ, ଜଗବନ୍ଧୁ ଗୁରୁ, ଅଜିତ ସାହୁ, ସଂଜୟ ଗୁରୁ, ନାରୀନେତ୍ରୀ ସରୋଜିନୀ ରଣା, ଅମ୍ବିକା ବେଜ, ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା, ମୃଦଙ୍ଗା ସରପଂଚ ଅଶୋକ ଦତ, ମହୁଲପାଳ ସରପଂଚ ମମତା ସାହୁ, ଗଗନ ବିହାରୀ ସାହୁ ଏବଂ ବାରଅାଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା, କାଶ, ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

# ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

# ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ଏହି ର୍‌ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଲିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Sunday November 10 | ଭୁବନେଶ୍ୱର ରବିବାର, ନଭେମ୍ବର ୧୦,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com




## ରାଜଭବନରେ ୧୬ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ସ୍ଥାପନା ଦିବସ ପାଳିତ



ଭୁବନେଶ୍ୱର, (ପି.ଏନ): ରାଜଭବନଠାରେ ୧୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ସ୍ଥାପନା ଦିବସ ରାଜ୍ୟପାଳ ଶ୍ରୀ ରଘୁବର ଦାସଙ୍କ ଉପସ୍ଥିତିରେ ଏକ ଉତ୍ସବ ମୁଖରିତ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ରାଜ୍ୟଗୁଡ଼ିକ ହେଲେ ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ହରିଆନା, କର୍ଣ୍ଣାଟକ, କେରଳ, ମଧ୍ୟ ପ୍ରଦେଶ, ପଂଜାବ, ତାମିଲନାଡୁ, ଚଣ୍ଡିଗଡ଼, ଦିଲ୍ଲୀ, ପୁଡୁଚେରୀ, ଜାମ୍ମୁ ଓ କାଶ୍ମୀର, ଲଦାଖ, ଉତ୍ତରାଖଣ୍ଡ, ଆଣ୍ଡାମାନ ଓ ନିକୋବର ଏବଂ ଲାକ୍ଷାଦ୍ୱୀପ। ଏହି ଉପଲକ୍ଷେ ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଓଡ଼ିଶାରେ ଉଚ୍ଚ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ତଥା ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଅନ୍ୟ ରାଜ୍ୟର ବ୍ୟକ୍ତି ବିଶେଷ ଏବଂ ରାଜ୍ୟମାନଙ୍କର ସାଂସ୍କୃତିକ ପରିଷଦମାନଙ୍କର ସକ୍ରିୟ ଅଂଶ ଗ୍ରହଣ ମଧ୍ୟରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟପାଳ ଶ୍ରୀ ଦାସ ବିବିଧତାରେ ଏକତା ଭାରତର ବିଶେଷତା ବୋଲି କହିବା ସହିତ ବିବିଧତାର ଆମେ ଗୌରବ କରୁ ବୋଲି କହିଥିଲେ । ବିବିଧତାରେ ଏକତା ଏକ ସ୍ଲୋଗାନ୍‌ରେ ସୀମିତ ନୁହେଁ ବରଂ ଏହା ଅପାର ଶକ୍ତିର ଭଣ୍ଡାର ବୋଲି ସେ ପ୍ରକାଶ କରିଥିଲେ। ମାନ୍ୟବର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ରାଜଭବନରେ ପାଳିତ ରାଜ୍ୟ ସ୍ଥାପନା ଦିବସ ପାଳନ ପରସ୍ପର ମଧ୍ୟରେ ଖୁସି ଏବଂ ଆନନ୍ଦ ବାଂଟିବାର ପର୍ବ ଯାହା ଆମ ରାଷ୍ଟ୍ରୀୟ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରାଉଛି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାରେ ଶିକ୍ଷା ଲାଭ କରୁଥିବା ଅନ୍ୟ ରାଜ୍ୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜ୍ଞାନର ସଂପର୍କ ସେତୁ ସ୍ଥାପନ ଓ କର୍ମକ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷଙ୍କ ରାଜ୍ୟର ବିକାଶ ଓ ପ୍ରଗତିରେ ଅଂଶ ଗ୍ରହଣ ଓ ଅବଦାନକୁ ପ୍ରଶଂସା କରିବା ସହିତ ସାମାଜିକ ଓ ସାଂସ୍କୃତିକ ପରିଚୟକୁ ସମୃଦ୍ଧ କରାଉଛି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ ଆତିଥେୟତା ଏକତାର ଭାବନାକୁ ମଜବୁତ କରିବାକୁ ପ୍ରତିବଦ୍ଧ ବୋଲି ରାଜ୍ୟପାଳ କହିଥିଲେ। ସ୍ଥାପନା ଦିବସ ପାଳିତ ହେଉଥିବା ରାଜ୍ୟମାନଙ୍କର ଓଡ଼ିଶାରେ ଥିବା ସାଂସ୍କୃତିକ ପରିଷଦର କଳାକାରମାନେ ବିବିଧରେ ଏକତା ଉପରେ ଆଧାରିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରାଜ୍ୟପାଳ ପରିଷଦ ଓ କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରିବା ସହ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ଶ୍ରୀ ସନ୍ତୋଷ କୁମାର ଶତପଥି ଏବଂ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ମଧ୍ୟ ଉଦ୍‌ବୋଧନ ଦେଇଥିଲେ । ନିଜ ନିଜ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳକୁ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିବିଶେଷ ନିଜ ରାଜ୍ୟର ସଂସ୍କୃତି, କଳା, ପର୍ଯ୍ୟଟନର ବ୍ୟାପକ ସୁବିଧା ସଂପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ରାଜଭବନର ସମସ୍ତ ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଏମପିସି କଲେଜରେ ବାଣିଜ୍ୟ ବିଭାଗର ସୁବର୍ଣ୍ଣ ଜୟନ୍ତୀ ଉଦଘାଟିତ




ବାରିପଦା,(ପି.ଏନ): ଆଜି ସ୍ଥାନୀୟ ତକତପୁର ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ରେ ବାଣିଜ୍ୟ ବିଭାଗ ର ସୁବର୍ଣ୍ଣ ଜୟନ୍ତୀ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବ ମାନ୍ୟବର ଗୃହ-ନଗର ଉନ୍ନୟନ ଓ ସରକାରୀ ଉଦ୍‌ଯୋଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଦ୍ୱାରା ଉଦଘାଟିତ ହୋଇଯାଇଛି । ଦୁଇଦିନ ବ୍ୟାପୀ ହେବାକୁଯାଉଥବା ଏହି କାର୍ଯ୍ୟକ୍ରମ ର ପ୍ରଥମ ଦିନର ସମସ୍ତ କାର୍ଯ୍ୟକ୍ରମ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ପ୍ରଥମେ ମହାରାଜା ପୂର୍ଣ୍ଣଚନ୍ଦ୍ର ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହାପରେ ଉପସ୍ଥିତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ପରେ ବାଣିଜ୍ୟ ବିଭାଗ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ପରିଚାଳନା କମିଟିର ସମ୍ପାଦକ ଶ୍ରୀଯୁକ୍ତ ଜୀବନ ସାହୁ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଡ.ପ୍ରମୋଦ ଚନ୍ଦ୍ର ସାହୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବାଣିଜ୍ୟ ବିଭାଗ ପ୍ରମୁଖ ଶ୍ରୀ ଭିମ ଚରଣ ମୁର୍ମୁ , ସ୍ୱର୍ଣ୍ଣ ଜୟନ୍ତୀ ଅଧ୍ୟକ୍ଷ ପ୍ରଫେସର ଆଇ.ସି.ଜେନା,ପୂର୍ବତନ ଅଧ୍ୟକ୍ଷ ତଥା ଆଲୁମନି ଶ୍ରୀମତୀ ମନ୍ଦାକିନୀ ମିଶ୍ର , ଗଭର୍ଣ୍ଣି ବଡ଼ି ଚେୟାରମେନ ପ୍ରଫେସର ଡଃ ମେଜର କଳ୍ପନା ଦାସ, ବାରିପଦା ନିର୍ବାଚନ ମଣ୍ଡଳୀ ବିଧାୟକ ଶ୍ରୀଯୁକ୍ତ ପ୍ରକାଶ ସୋରେନ, ମୟୂରଭଞ୍ଜ ଜିଲ୍ଲା ସାଂସଦ ଶ୍ରୀଯୁକ୍ତ ନବ ଚରଣ ମାଝୀ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ଡଃ ରୁଷା ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିବାନନ୍ଦ ଆଶ୍ରମରେ ଗୋଷ୍ଠାଷ୍ଟମୀ ପାଳିତ



କେନ୍ଦ୍ରାପଡ଼ା,(ପି.ଏନ): ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ଶନିବାର ପବିତ୍ର ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରାତଃରେ ଆଶ୍ରମର ପ୍ରତିଷ୍ଠାତ୍ରୀ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ରୀତି ନୀତି ଓ ବିଧି ବିଧାନ ଅନୁଯାୟୀ ଗୋପୂଜନ କରିବା ସହିତ ସେମାନଙ୍କୁ ଖାଦ୍ୟ ପ୍ରଦାନ କରିଥିଲେ। ଗୋମାତାମାନଙ୍କୁ ବସ୍ତ୍ର, ପୁଷ୍ପ,ଚନ୍ଦନ, ଧୂପ ଓ ଦିପ ପ୍ରଭୃତି ପ୍ରଦାନ ପୂର୍ବକ ପୂଜାର୍ଚ୍ଚନା କରିବା ପରେ ଆଳତୀ ପ୍ରଦାନ କରିଥିଲେ। ଏହାପରେ ସେମାନଙ୍କୁ ନୈବେଦ୍ୟ ପ୍ରଦାନ ପୂର୍ବକ ପୂଜା ସମ୍ପନ୍ନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ପ୍ରଫୁଲ୍ଲ ପାଠାଗାରରେ ବୋଉ ନଥାଏ ଯେଉଁଠି କବିତା ସଂକଳନ ଉନ୍ମୋଚିତ



ଜଗତସିଂହପୁର,(ପି.ଏନ): ସ୍ଥାନୀୟ ପୁରୁଣାଗଡ ସ୍ଥିତ ପ୍ରଫୁଲ୍ଲ ପାଠାଗାର ଠାରେ ଆଜି ସାହିତ୍ୟିକ ଡ. ଶରତ ଚନ୍ଦ୍ର ମହାରଣଙ୍କ କବିତା ସଂକଳନ ବୋଉ ନଥାଏ ଯେଉଁଠି - ଉନ୍ମୋଚିତ ହୋଇଯାଇଛି । ଏହି ସାରସ୍ୱତ ସମାରୋହରେ ପାଠାଗାରର ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀ ଅଧ୍ୟକ୍ଷତା କରି କହିଥିଲେ ଯେ ଡ. ଶରତ ଚନ୍ଦ୍ର ମହାରଣା ଜଣେ ନାଟ୍ୟ ଆଲୋଚକ ଓ ପ୍ରତିଷ୍ଠିତ କବିଭାବେ ବେଶ୍ ଜଣାଶୁଣା। ଏଥିରେ ମୁଖ୍ୟଅତିଥି ଭାବେ ସାରସ୍ୱତ ପରିଷଦର ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଯେ ସ୍ଥାନୀୟ ଏସ୍.ଭି.ଏମ୍. କଲେଜର ଓଡିଆ ଭାଷା ସାହିତ୍ୟର ଅଧ୍ୟାପକ ଡ. ଶରତ ଚନ୍ଦ୍ର ମହାରଣାଙ୍କ କବିତା ସଂକଳନ ଅତି ଉଚ୍ଚମାନର ହୋଇଛି ବୋଲି କହିଥିଲେ । ବୋଉ ନଥାଏ ଯେଉଁଠି କବିତା ସଂକଳନ ତାହାର ନିଛକ ଉଦାହରଣ ଅଟେ । ମୁଖ୍ୟ ସମୀକ୍ଷକ ଭାବେ ଏସ୍.ଭି.ଏମ୍. କଲେଜର ଅଧ୍ୟକ୍ଷ ଡ. ବିଜୟ କୁମାର ବିଶ୍ୱାଳ, ଅଧ୍ୟାପକ ତଥା ବିଶିଷ୍ଟ ପାଲାଗାୟକ ଅଭିରାମ ଶତପଥୀ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଅଧ୍ୟାପକ ଜିତେନ୍ଦ୍ର ପ୍ରମାଣିକ, ବିପନ ପାତ୍ର ଓ ପାଠାଗାରର ଉପଦେଷ୍ଟା ବଂଶୀଧର ଆଚାର୍ଯ୍ୟ ଏହି କବିତା ସଂକଳନକୁ ତର୍ଜମା କରି ବୋଉର ମାର୍ମିକ ବେଦନାର ଅନ୍ତଃସ୍ୱର ଓ ବୋଉକୁ ହରାଇବାର ବେଦନା ଏଥିରେ ଅତି ସୁନ୍ଦର ଭାବେ ଚିତ୍ରଣ କରାଯାଇଛି ବୋଲି ପରିପ୍ରକାଶ କରିଥିଲେ । ଲେଖକ ଡ. ମହାରଣା ନିଜ ବକ୍ତବ୍ୟରେ ଏହି କବିତା ପୁସ୍ତକଟି ବୋଉଙ୍କ ଅବର୍ତ୍ତମାନରେ ନିଜର ନିଛକ ଅନ୍ତଃବେଦନାକୁ ପ୍ରକାଶ କରିବା ପାଇଁ ସେ ଲେଖିଛନ୍ତି ବୋଲି କହିଥିଲେ । । ଏହି ଉନ୍ମୋଚନ ସମାରୋହରେ ପ୍ରଫୁଲ୍ଲ ପାଠାଗାରର ସମସ୍ତ ସଦସ୍ୟ ଓ ବିଜୁ ପଟ୍ଟନାୟକ କଲେଜର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସଭାର ଆରମ୍ଭରେ ପାଠାଗାରର ସମ୍ପାଦକ ସମ୍ପାଦକ ସୁରେନ୍ଦ୍ର ରାୟ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶିକ୍ଷାବିତ୍ ସତ୍ୟବାଦୀ ଦାସ ଧନ୍ୟବାଦ ଦେଇଥିଲେ ।

## ଭାରତୀୟ ମଜଦୁର ସଂଘର ରାଜ୍ୟ କାର୍ଯ୍ୟ କାରିଣୀ ତାଳଚେରରେ ଅନୁଷ୍ଠିତ



ତାଳଚେର,(ପିଏ) ଅନୁଗୁଳ ଜିଲ୍ଲା ତାଳଚେର ସ୍ଥିତ ତାଳଚେର କୋଇଲା ଖଣି ମଜଦୂର ସଂଘ ପ୍ରାଙ୍ଗଣରେ ଭାରତୀୟ ମଜଦୁର ସଂଘ ଓଡିଶା ପ୍ରଦେଶ ର ୧୪୬ ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସଂଘର ରାଜ୍ୟ ସଭାପତି ଶ୍ରୀ ବାଦଲ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ଓ ସ୍ୱାଗତ ଭାଷଣ ରେ ଅନଗୁଳ ଜିଲ୍ଲା ର ଜିଲ୍ଲା ସମ୍ପାଦକ ଅଜୟ କୁମାର ପାଢୀ ସମସ୍ତ ପ୍ରତିନିଧି ସହ କେନ୍ଦ୍ରୀୟ କାର୍ଯ୍ୟକର୍ତ୍ତାଙ୍କୁ ତାଳଚେର କୁ ସ୍ୱାଗତ କରିବା ସହ ତାଳଚେର କୁ ପ୍ରତିନିତ୍ୱ ଦେଇଥିବାରୁ ଧନ୍ୟବାଦ ଦେଇଥିଲେ । ବୈଠକ ର ଆରମ୍ଭ ରେ ବିଗତ ଦିନରେ ଓଡ଼ିଶା ତଥା ଦେଶର ପ୍ରମୁଖ ଶ୍ରମିକ ନେତା, ଶ୍ରମିକ ମାନଙ୍କ ବିୟୋଗ ରେ ଶୋକ ପ୍ରସ୍ତାବ ଅଣାଯାଇଥିଲା । ଏହା ସହ ବଙ୍ଗଳାଦେଶ ରେ ହିନ୍ଦୁ ମାନଙ୍କ ମାନଙ୍କ ପ୍ରତି ହେଉଥିବା ନରସଂହାର କୁ ଦୃଢ ନିନ୍ଦା ପାଇଁ ପ୍ରସ୍ତାବ ଅଣାଯାଇଥିଲା। ଏହି ବୈଠକରେ ୩୦ ଜିଲ୍ଲା ର ପ୍ରତିନିଧି, ସାର୍ବଜନିକ ଉଦ୍‌ଯୋଗ, ବିଦ୍ୟୁତ ସଂଘ ପ୍ରତିନିଧି, ଅଙ୍ଗନବାଡ଼ି, ଆଶା, ପାଚିକା, ନିର୍ମାଣ, ଖଣି, ସିମେଣ୍ଟ, ଷ୍ଟିଲ, ନାଲକୋ, ରେଳବାଇ, ଠିକା ଶ୍ରମିକ ଇତ୍ୟାଦି ସଂଘ ର ପ୍ରତିନିଧି ଭାଗ ନେଇଥିଲେ । ଏହି ବୈଠକରେ ଭାରତୀୟ ମଜଦୁର ସଂଘ ର ଅଖେଳ ଭାରତୀୟ ସମ୍ପାଦକ ଶ୍ରୀ ରାଧେଶ୍ୟାମ ଜୟଶ୍ୱାଲ୍ ଯୋଗ ଦେଇ ଭାରତୀୟ ମଜଦୁର ସଂଘ ର ୭୦ ବର୍ଷ ର ଉପଲବ୍ଧି ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଦୁଇ ଦିନ ଧରି ଚାଲି ଥିବା ବୈଠକ ରେ ରାଜ୍ୟ ରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ସମସ୍ୟା ଉପରେ ଗଭୀର ଆଲୋଚନା ସହିତ ଆବଶ୍ୟକ ସ୍ଥଳେ ଆନ୍‌ଦୋଳନ ପାଇଁ ପ୍ରସ୍ତୁତି ରହିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା ଓ ବିଶେଷ ଭାବରେ ଭାରତୀୟ ମଜଦୁର ସଂଘ ର ୭୦ ବର୍ଷ ର ପୂର୍ତ୍ତିକୁ ଆଧାର କରି ସଂଘ ଅନେକ କାର୍ଯ୍ୟ ହାତ କୁ ନେଇଛି ।







Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray